ଶିଶୁ ବିଶେଷାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



କୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହିରଣ୍ମୟୀ - ବିଶେଷାଙ୍କ - "କୁନି ପରୀ - (ନଭେମ୍ବର - ତାରିଖ -୧୫ ରୁ ତାରିଖ -୨୨ - ୨୦୧୯- ଶିଶୁ ସାହିତ୍ୟ ସାପ୍ତାହିକ) " - ଏହି ବିଶେଷାଙ୍କକୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :



ଉତ୍କଳ -ଗୀତିକା
ଶ୍ରୀ ଚନ୍ଦ୍ରଶେଖର ମିଶ୍ର

ଶିଶୁର ଉକ୍ତି
ଶ୍ରୀଯୁକ୍ତ ଚିନ୍ତାମଣି ମହାନ୍ତି


ଝୁମୁରୀ ପାଇଁକି ଗୀତ
ଡକ୍ଟର ସଚ୍ଚିଦାନନ୍ଦ କର


ଡକ୍ଟର କୃତ୍ତିବାସ ନାୟକଙ୍କ
ଦୁଇଟି ଶିଶୁ ଗୀତି କବିତା
ବିଲେଇ ନାନୀ /ଗଛ


ଆମେ ଶିଶୁ ଫୁଲକଢି
ପ୍ରଶାନ୍ତ କୁମାର ନାଥ


ରାଜନନ୍ଦିନୀ ସେ ..
ଡକ୍ଟର ଦିଗରାଜ ବ୍ରହ୍ମା


ଆମ ଚଗଲୀ
ଲତିକା ବିଳାସ


କିଏ ହେବ ତୁମ ସରି
ରମେଶ ଚନ୍ଦ୍ର ପସାଏତ୍


ଲୋନୀ ଓ ଟିକି ପକ୍ଷୀ
ରାଜଲକ୍ଷ୍ମୀ ତ୍ରିପାଠୀ


ପ୍ରଜାପତି
ସୁଦ୍ରମା ପଣ୍ଡା


ଫୁଲଟି କହେ
ମନୋରମା ମିଶ୍ର


ସ୍ୱଚ୍ଛତା ଓ ସୁନ୍ଦରତା
ଜୟଶ୍ରୀ ପଟ୍ଟନାୟକ


ଆମ ଚୁଲ ବୁଲି
ପ୍ରତିଭା ପରିଜା


ସୁନାଝିଅ ଜ୍ୟୋତି (ଗଳ୍ପ)
ସୁଦର୍ଶନ ମହାପାତ୍ର


ମୁଁ କୁନିପରୀ
ଶ୍ରୀମତୀ ବସନ୍ତ ମିଶ୍ର


କୁନୀଟି ମୋର
ପ୍ରଭାସିନୀ ହୋତା


ସପନ ରାଇଜ ପରୀ
ଅନ୍ୟିକା ସ୍ୱାଇଁ


ନୀଳପରୀ
ତାପ୍ତିମୟୀ ପଣ୍ଡାମିଶ୍ର


ମୂର୍ଖ (ଗଳ୍ପ)
ସୁଧାଂଶୁ ଶେଖର ଦ୍ୱିବେଦୀ


ମୋ କୁନିପରୀ
ମୁରାରୀ ପ୍ରସାଦ ପଶାୟତ


ଲାଲୀ ପାଇଁ ନାନାବାୟା ଗୀତ
ରଶ୍ମିତା ଦୀକ୍ଷିତ


ପ୍ରିୟ ଭାଜନ
ପ୍ରସନ୍ନ କୁମାର ମାଦଳା


କୁନି ପରୀ ଆମ" ନିକୁ " ସୁନ୍ଦରୀ
ତ୍ରିଲୋଚନ ପଣ୍ଡା


କୁନି ପରୀ
ଶ୍ରୀ ଡମ୍ବରୁଧର ବାଗ


ତୁମ ପରୀ ଛୋଟ ପିଲାଟିଏ
ସୁଷମା ପରିଜା


ଦୁଇ ଲତାଙ୍କ କାହାଣୀ
ଶକ୍ତିପ୍ରଭା ମିଶ୍ର


ଚୁଲୁବୁଲି କୁନି ଝିଅ
ତପନ କୁମାର ସ୍ୱାଇଁ


ମୋ ନାଁ ଧୃତିଶ୍ରୀ
ସୁବାଷ ଚନ୍ଦ୍ର ପଣ୍ଡା


ଶିଶୁ ଶିକ୍ଷା
ଅରୁଣ କୁମାର ମହାନ୍ତି



ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଉତ୍କଳ-ଗୀତିକା

ଶ୍ରୀ ଚନ୍ଦ୍ରଶେଖର ମିଶ୍ର

(ରାଗ -ବଙ୍ଗଳାଶ୍ରୀ)

ମୋହରି କରମ, ମୋହରି ଜନମ
ଭୂମି ଏ ଉତ୍କଳ ଦେଶ ।
ମହେନ୍ଦ୍ର ମେଖଳା, ପୁଣ୍ୟ-ତୀର୍ଥ -କଳା
ବିମଳ ଛବିଳ ବେଶ । ୧ ।

କେତେ ଗିରି ,ନଦୀ ସୁଷମା ସମ୍ପାଦି
ବହଇ ନିର୍ମଳ ଧାରେ,
ରାଜଇ କାନନ- ପଲ୍ଲବ -ସୁମନ -
ରସାଳ -ଫଳ -ସମ୍ଭାରେ । ୨ ।

ଏହି ଦେଶ ଜଳେ ଏହି ଦେଶ ଫଳେ
ବଢିଲେ ଓଡ଼ିଆ ବୀର ,
ଅରାତି-ରକତେ ସ୍ୱର୍ଣ୍ଣ- ସିଇକତେ
କୀରତି ରଖିଲେ ଚିର । ୩ ।

ଅଶାର ସ୍ୱପନେ ଥରେ ମନେ ମନେ
ଭାଳଇ ମୁଁ ଏକା ବସି ,
କାହାନ୍ତି ସେ ଏବେ ବୀରକୁଳ ଭାବେ
ଉତ୍କଳ -ଗୌରବ -ଶଶୀ । ୪ ।

କେଶରୀ ନୃପତି,ପୂତ -ଗଜପତି -
କୁଳ-ମଉଳି -ମଣ୍ଡନ,
ପ୍ରତାପ -ଅଙ୍ଗନ – ନରସିଂହ - ଗଙ୍ଗ
ଆଦି ମହତ ରାଜନ । ୫ ।

କାଳ ନୀଲୋରସେ ଲେଖିଲେ ହରଷେ
ଅତୁଳ - କୀରତି -କଳା,
ଏବେ ଗିରିବନେ, ବାରିଧି ପୁଳିନେ
ରାଜଇ ପ୍ରଭା ବିମଳା । ୬ ।


ପୁର,ଗ୍ରାମ ଭେଦି ମାୟା ମୋହ ଛେଦି
ଭାରତୀ - ଅମୃତ -ଧାରା ,
କବି କଣ୍ଠୁ ସ୍ଫୁରି ବିହାୟସ ପୂରି
ପ୍ଲାବିଲା ଏ ଦେଶ ସାରା । ୭ ।

ଆଦ୍ୟେ ଅବତରି ନରରୂପୀ ହରି
ଚଇତନ୍ୟ ପ୍ରେମ-ସୁଧା
ତୁଙ୍ଗ ନୀଳାଚଳେ ନୀରନିଧି କୂଳେ
ମୋହିଲେ ଦାନେ ବସୁଧା । ୮ ।

ସେ ମହତ ଯଶ - ବିଭବ ବିଶେଷ-
ଦାୟାଦ ମୁଁ ନୁହେଁ ସାନ
ପୂର୍ବ ପୁରୁଷର ସ୍ଥିର ଅନଶ୍ୱର
ରଖିବି କୀରତି ମାନ । ୯ ।

ଜନନୀ ଜନମ - ଭୂମି ସମଜ୍ଞାନେ
ଜାଣିବି ସଦା ଅନ୍ତରେ,
ସେବିବି ସେ ଦେଶେ ,ମନୋରଥ ଶେଷେ
ଫଳିବ ମୋ ବିଭୂକରେ । ୧୦ ।





ପଞ୍ଚାମୃତ - ଶିଶୁ ପତ୍ରିକା / ପ୍ରକାଶ କାଳ - ମସିହା -୧୯୨୮

ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଶିଶୁର ଉକ୍ତି

ଶ୍ରୀଯୁକ୍ତ ଚିନ୍ତାମଣି ମହାନ୍ତି



ଧୂଳିଆ ବାବାଜୀ ମୁହିଁ ,ଶିଶୁ ବିଶ୍ୱ ପ୍ରିୟ ,
କୋଳ କରି ନିଅ ମୋତେ କୋଳ କରି ନିଅ ।

ନାହିଁ ମୋର ଜ୍ଞାନ ଧର୍ମ ଆଶାର ପିପାସ ,
ଅଛି ଖାଲି ମୁଗ୍ଧ ରୂପ ,ସ୍ନିଗ୍ଧ ମଧୁ ଭାଷା ।

ସରଳ ହୃଦୟ ମୋର ପରଳ ବେଭାର,
ନାହିଁ ମୋ ଜୀବନେ ଦୁଃଖ ଚିନ୍ତା ହାହାକାର ।

ଉଲଗ୍ନ ଦେହଟି ମୋର ଧୂଳି-ଧୂସରିତ ,
ଜାଣେ ନାହିଁ ଲଜ୍ଜ୍ୟା ଘୃଣା ସଦା ହୃଷ୍ଟ ଚିତ୍ତ ।

ଆମ୍- ପର ନ ଜାଣେ ମୁଁ ଶୁଦ୍ଧ ନିର୍ବିକାର,
ଯେ ମୋତେ ଆଦର କରେ ହୁଏ ମୁଁ ତାହାର ।

ଅଳ୍ପରେ ସନ୍ତୋଷ ଲଭେ କ୍ରୀଡା ମୋର ପ୍ରିୟ ,
କୋଳ କରି ନିଅ ମୋତେ କୋଳ କରି ନିଅ ।

ସୁନ୍ଦର ବଦନେ ମୋର ହାସ୍ୟଟି ଅତୁଳ ,
ଫୁଟାଇ ଦେଇଛି ମୁହିଁ ଫୁଲ ପରେ ଫୁଲ ।

ଚିରକାଳ ପ୍ରଭୁ ମୋତେ କରିଥାଅ ଛୁଆ ,
ବୁଢା ବାପା ପରି ମୋତେ ନ କରି ପାକୁଆ ।


ବୁଢା ହେଲେ ହୋଇଯିବ ଅସୁନ୍ଦର ମୁଖ ,
ନ ପାରିବି ମୁଢି ଖାଇ ହେବ ବଡ଼ ଦୁଃଖ ।

ଏତିକି ମାଗୁଣି ମୋର ମୋ ପରାଣ ହରି
ଶଏବର୍ଷ ଯାଏ ମୋତେ ରଖ ଶିଶୁ କରି ।

ପଞ୍ଚାମୃତ - ଶିଶୁ ପତ୍ରିକା -
ପ୍ରକାଶ କାଳ - ମସିହା -୧୯୨୧

visit : www.hirranmayi.com

ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଝୁମୁରୀ ପାଇଁକି ଗୀତ

ଡକ୍ଟର ସଚ୍ଚିଦାନନ୍ଦ କର

ମନବୋଧ କରି ମାଆଙ୍କ ହାତରୁ
ଖାଇ ଭଜା ଭାତ ଡାଲି
ହସିଦେଇ ଟିକେ ଟିକି ସୁନାଝିଅ
ଝୁମୁରୀ ଆସୁଛି ଚାଲି
ଦେଖରେ ତାହାକୁ ଦେଖ
ଦେଖିଦେଇ ତାକୁ ତାହାରି ନାଆଁରେ
ଗୀତଟିଏ ଆଗ ଲେଖ ।।

ଚାଲିଲେ ବାଜୁଛି ରୁମ୍ ଝୁମ୍ ଝୁମ୍
ପାଦର ପାଉଁଜି ତା'ର
ଆହା କି ସୁନ୍ଦର ଦିଶୁଛି ତା' ପାଦେ
ଅଳତାର ସରୁ ଗାର
ସତେ କି ସେ ଗୋଟେ ପରୀ
ଯେତେବେଳେ ଦେଖ ଯାଉଛି ସେ ବସି
ଖେଳନା ତାହାର ଧରି ।।

ପାଟି ଲଗା କଥା କହି କହି ସିଏ
କରିଛି ସଭିଙ୍କୁ ବଶ
ଲାଲ୍ ଟୁକ୍ ଟୁକ୍ ଓଠରୁ ତାହାର
ଝରୁଛି ତ ମିଠା ହସ
ଖେଳୁଛି ସେ କେତେ ଖେଳ
ଦେଖି ଦେଖି ତାକୁ ଘର ଲୋକଙ୍କର
ବିତି ଯାଉଅଛି ବେଳ ।।



ଏମିତିକା ଝିଅ କରିଛି କରିବ
ଘରକୁ ସରଗପୁର
ଯେତେ ଦୁଃଖ ଶୋକ ଅଭାବ କଷଣ
ତା' ପାଇଁ ହୋଇବ ଦୂର
ତାକୁ ଥରେ କୋଳେ ନିଅ
ହେବ ସିଏ ବଡ, ମଥାରେ ତାହାର
ଆଶିଷ ଅଜାଡି ଦିଅ ।।

" ନିର୍ମାଲ୍ୟ "
ନୂଆପଡା, ନୟାବଜାର, କଟକ -

visit : www.hirranmayi.com

ଶିଶୁ ବିଶେଷାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଡକ୍ଟର କୃତ୍ତିବାସ ନାୟକଙ୍କ ଦୁଇଟି ଶିଶୁ ଗୀତିକବିତା:



ବିଲେଇନାନୀ

ବିଲେଇ ନାନୀ ଲୋ ବିଲେଇନାନୀ,
କେତେ ଖାଉଛୁ ତୁ ମାଡ କହୁଣୀ;
ମୂଷା ମାରିବାକୁ ପୋଷାହେଲୁ ସିନା-
ଚୋରାଇ ଖାଉ ତୁ ସର ଲବଣୀ ।(ଘୋଷା)

ଚକାଚକା ଆଖି ଭାରି ଗେହ୍ଲେଇ,
ଝିଟିପିଟି ଦେଖୁ ଆଖି ମେଲେଇ ।
କୁଜି ଅସରପା ଉପରେ ତୋ ଟାଣ-
ଖେଳେଇ ଖେଳେଇ କରୁ ଚଟଣି ।
ବିଲେଇ ନାନୀଲୋ ବିଲେଇ ନାନୀ । (୧)

ରାଗିଗଲେ ସିନା ଦେଉ ରାମ୍ପୁଡ଼ି,
ଶିକାର ପାଇଲେ ଧରୁ କାମୁଡ଼ି ।
କୁକୁରକୁ ଦେଖି ଡରୁଛୁ କାହିଁକି-
ତୁହିପରା ତାର ସାନ ଭଉଣୀ ?
ବିଲେଇ ନାନୀଲୋ ବିଲେଇନାନୀ ।(୨)

ooo

ଗଛ

ଉପରକୁ ଯିବି ମାଟି ଛାଡ଼ିବିନି
ଭିଡ଼ି ଧରିଥିବ ଚେର,
ଉପରୁ ଥାଇ ମୁଁ ଫଳ ପକେଇବି
ନେବେ ପ୍ରିୟ ବନ୍ଧୁ ମୋର । (୧)

ଫଳ ନ ପାଇଲେ ଛାଇ ତ ପାଇବେ
ଆସନ ହେବ ମୋ ପତ୍ର,
ଆଶ୍ରୟ ପାଇଁ ଯେ ଖୋଜୁଥିବ ଜାଗା
ଡାଳ ହେବ ତାଙ୍କ ଛାତ । (୨)

ଫଳ କିବା ଛାଇ ଆଶ୍ରୟ ନ ହେଲେ
ଦେବି ଶୀତଳ ପବନ,
ସେହି ପବନରେ ଭରି ଦେଇଥିବି
ଅମ୍ଳଜାନ ସେ ଜୀବନ । (୩)

କାହାଠାରୁ କିଛି ପ୍ରତିଦାନ ପାଇଁ
ଆଶା ରଖିବିନି କେବେ,
କାହାପାଇଁ ଯଦି ଲୋଡ଼ା ହୁଏ କାଠ
ନେଇ ପାରିବ ସେ ତେବେ । (୪)

ପ୍ରତିବାଦ କେବେ କରିବି ନାହିଁ ମୁଁ
ତୋଳିନେଲେ ମୋର ଫୁଲ,
ମିନତି କରିବି ନୂଆ ଗଛଟିଏ
ଲଗାଇ ଢାଳିବ ଜଳ । (୫)

ooo

॥ ସ୍ୱାର୍କ, ମେରୀଲ୍ୟାଣ୍ଡ. ଆମେରିକା ॥

ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଆମେ ଶିଶୁ ଫୁଲକଢ଼ି

ପ୍ରଶାନ୍ତ କୁମାର ନାଥ

ଆଜି ସିନା ଆମେ ଶିଶୁ ହୋଇ ଅଛୁ
କାଲିକି ହୋଇବୁ ବଡ଼
ଆଜି ସାଜିଅଛୁ ଉଡ଼ନ୍ତା ଚଢେଇ
କାଲିକି ଗଢିବୁ ନୀଡ଼ ।

କଢିଟିଏ ସାଜି ରହିଅଛୁ ଆଜି
କାଲିକୁ ହୋଇବୁ ଫୁଲ
ମହକାଇ ଦେବୁ ଆମେ ସେ ବାସ୍ନାକୁ
ବଢିବ ଆମରି ମୂଲ ।

ପାଠ ପଢି ଆମେ ଶିକ୍ଷିତ ହୋଇବୁ
ରଖିବୁ ଦେଶର ନାଆଁ
ଆମ ପାଇଁ ଦିନେ ଗର୍ବିତ ହୋଇବ
ଆମ ଏହି ଛୋଟ ଗାଆଁ ।

ପାଠରେ ଶାଠରେ ବୁଦ୍ଧି ବିବେକର
ଆମେ ଥିବୁ ଆଗେ ରହି
ଆମ ପାଇଁ ଦିନେ ମହାନ ହୋଇବ
ଆମରି ଭାରତ ଭୂଇଁ ।

ଆମେ ହିଁ ହୋଇବୁ ଡାକ୍ତର ସୈନିକ
ଆମେ ହେବୁ ବୈଜ୍ଞାନିକ
ନେତା ମନ୍ତ୍ରୀ ହୋଇ ଆମେ ହିଁ ବୁଝିବୁ
ଦୁଃଖୀ ଦରିଦ୍ରଙ୍କ ଦୁଃଖ ।

ଆଜି ଆମେ ଶିଶୁ ଦେଶପାଇଁ କାଲି
ସାଜିଥିବୁ ନାଗରିକ
ନିଜ ପ୍ରଚେଷ୍ଟାରେ ନିଜେ ବଢି ଆମେ
ରଖିବୁ ଜାତିର ଟେକ ।

ବାଙ୍ଗାଲୋର / ମୋ-୮୮୯୨୩୦୧୧୪୩

ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ରାଜନନ୍ଦିନୀ ସେ..

ଡକ୍ଟର ଦିଗରାଜ ବ୍ରହ୍ମା

ରାଜନନ୍ଦିନୀ ସେ କେଉଁ ରାଇଜର
କଥା ଆଜି ସିଏ ଭାବୁଛି
ସେଇ ରାଇଜର ସୀମା ସରହଦ
ମନ ମୁନେ କ'ଣ ମାପୁଛି !

ଫୁଲ ଫଗୁଣର ନନ୍ଦିନୀ ସେ ଯେଣୁ
ସବୁରି ଆଦର ରହିଛି
ଶୀତ ସକାଳର ନରମ ପରଶେ
କେତେ ଆଶା ମନେ ଭରିଛି ।

ସେଥିରେ ରହିଛି ମଣିଷର କଥା
ମମତାର ଯେତେ କାହାଣୀ
ସେହି କାହାଣୀର ସିଏ ବି ନାୟିକା
ସପନ ଭରା ତା' ଚାହାଁଣୀ ।

ମାଆଙ୍କ ଲାଳନ ବାପାଙ୍କ ପାଳନ
ଯେବେ ଠାରୁ ସିଏ ପାଇଛି
ନିଜ ଚଲା ପଥେ ଖୋଲା ମନ ନେଇ
ଆଗେଇ ଆଗେଇ ଚାଲିଛି ।

ଯୁଗ ଜିଣି ଆଜି ସଭ୍ୟତା ନନ୍ଦିନୀ
ଜଗତରେ ପୂଜା ପାଉଛି
ପ୍ରକୃତି ପୁରୁଷ ସୃଜନୀ ବେଣୁରେ
ସର୍ଜନାର ଗୀତ ଗାଉଛି ।

ବ୍ରହ୍ମା ନିବାସ ,ମହାବୀର ବିହାର ,
ଭୁବନେଶ୍ୱର



ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଆମ ଚଗଲୀ

ଲତିକା ବିଳାସ

ଅତି ଅଲିଅଳି ଆମ ଚଗଲୀ
ହସିଦେଲେ ଝରି ଯାଉଛି ମଲ୍ଲୀ ,
କାନ୍ଦି ଦେଲେ ଖସି ପଡେ ମକୁତା
ଦରୋଟି କଥା ତା' ମହୁ ଠୁ ମିଠା ।

ବାପା , ବୋଉର ସେ ଗଳାର ମାଳି
ଅଜା , ଆଈଙ୍କର ଦୁଃଖି ସଙ୍ଗାଳି ,
ଦାଦା, ଖୁଡିଙ୍କର ସୁନାର ଥାଳି
ଜେଜେମାଙ୍କର ସରଗ ପରୀ ।

ଆଖିରେ ତାହାର ସପନ ଢେଉ
ବଡ ହେଲେ ସିଏ ହୋଇବ ବୋଉ ,
ସମସ୍ତ ଙ୍କୁ ସିଏ ଖୋଇବ ରାନ୍ଧି
ସେନେହେ ସଭିଙ୍କୁ ରଖିବ ବାନ୍ଧି ।

ଦାଣ୍ଡ ରୁ ସାଉଁଟି ଆଣିଛି ବାଲି
ରାନ୍ଧିବ ଯତନେ ଭାତ କୁ ଡାଲି ,
କେତେ ଜାତି ପତ୍ର ରଖିଛି ତୋଳି
ତିଅଣ ରାନ୍ଧିବ ଭଲି କି ଭଲି ।

ମୁଢି ଗୁଣ୍ଡ ଗୋଳି ଗଢିଛି ପିଠା
ଆରିସା ପିଠା ଠୁଁ ଲାଗିବ ମିଠା ,
ପ୍ଲାଷ୍ଟିକ୍ ଗିନା କୁ ଥାଳି , ଗିଲାସ
ସଜେଇ ଡାକୁଛି ଖାଇବ ଆସ ।

କେତେବେଳେ ହାତେ ବାଡିଟେ ଧରି
ଭାବେ ହେବ ସିଏ ବାପାଙ୍କ ପରି ,
କଳାପଟାରେ ସେ ଲେଖିବ ପାଠ
ଚାହିଁ ରହିଥିବେ ସକଳ ଚାଟ ।

କେତେବେଳେ ଭାବେ ଡାକ୍ତର ହେବ
କେତେବେଳେ ଭାବେ ଚାଷ କରିବ ,
ସପନ ତାହାର ଆକାଶ ଛୁଆଁ
ଇତିହାସ ସିଏ ଲେଖିବ ନୂଆଁ ।



ଆଜି ସିନା ଅଛି ଅଫୁଟା କଳି
ଫୁଟିବ କାଲିକି ପାଖୁଡା ମେଲି ,
ହସୁଥିବ ସ୍ନେହେ ଦେଲେ ସାଉଁଳି
ଗାଳି ଦେଲେ ସିଏ ଯିବ ଝାଉଁଳି ।

ବରଗଡ଼

କୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

କିଏ ହେବ ତୁମ ସରି

ରମେଶ ଚନ୍ଦ୍ର ପସାଏତ୍



କୁନିପରୀ ଆଗୋ କୁନିପରୀ
କିଏ ହେବ ତୁମ ସରି
ତୁମରି ହସରେ ହୀରାମୋତି ଝରେ
ନେତ୍ରେ ଆନନ୍ଦଲହରୀ..... **(ଘୋଷା)**

ଝରଣା ପରିକା ମଧୁ କଥା କହି
ଝରଝର ଯିବ ଝରି
ସର୍ବେ ଆପଣାର କେହି ନୁହେଁ ପର
ଏକତାର ମନ୍ତ୍ର ଧରି
କୋଇଲିର ପରି ପରାଣେ ସବୁରି
ଦେବ ମଧୁଗୀତି ଭରି ।
କୁନିପରୀ ଆଗୋ କୁନିପରୀ.....

ଫୁଲଟିଏ ପରି ସୁବାସ ବିତରି
ସଭିଙ୍କୁ କରିବ ଖୁସି
ଟୋପାଏ ଚନ୍ଦନ ପରି ସର୍ବପ୍ରାଣେ
ଦେବ ସନ୍ତୋଷ ପରଶି
ନାଚି ନାଚି ରଙ୍ଗେ ନାନା ଅଙ୍ଗଭଙ୍ଗେ
ହସୁଥିବ କିରିକିରି ।
କୁନିପରୀ ଆଗୋ କୁନିପରୀ.....

ଇନ୍ଦ୍ରଧନୁ ଦେଖି ଭାବନା- ଆକାଶେ
ଉଡିଯିବ ପକ୍ଷୀ ହୋଇ
ଭାରି କଉତୁକେ ସଭିଙ୍କୁ କହିବ
ଟିକେ ଖରା ଟିକେ ଛାଇ
ଉପକାର ବ୍ରତେ ଗାଅ ମନଭରି
ପ୍ରେମଗୀତି ଅସୁମାରି ....।
କୁନିପରୀ ଆଗୋ କୁନିପରୀ....

ତୁମ ପାଖେ ନାହିଁ ଉଚ୍ଚ ନୀଚ କିଛି
କେଡେ ମହତ ବିଚାର
ଏ ସାରା ସଂସାର ଗୋଟେ ପରିବାର
ସଭିଏଁ ପରା ସୁନ୍ଦର
ସବୁରି ଅନ୍ତରେ ତୁମ ପରି ଏକ
ଆତ୍ମା ରହିଅଛି ପୁରି ।
କୁନିପରୀ ଆଗୋ କୁନିପରି....

(ସଂସ୍କୃତ ଶିକ୍ଷକ) ,ନଟବର ଉଚ୍ଚବିଦ୍ୟାଳୟ କଣ୍ଟେଇକେଲା,ଝାରସୁଗୁଡା / ମୋ : ୯୭୭୭୭୩ ୯୪୫୫୮

ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଲୋନୀ ଓ ଟିକି ପକ୍ଷୀ

ରାଜଲକ୍ଷ୍ମୀ ତ୍ରିପାଠୀ

ସକାଳୁ ଲୋନୀ ପିଣ୍ଡାରେ ବସି
ଦେଖିଲା ଟିକି ପକ୍ଷୀ
ଧଳା କହରା ଦେହ ର ରଙ୍ଗ
ମନ ତା'ଗଲା ଲାଖି ।

ଭାବିଲା ତାକୁ କରିବ ପୋଷା
ବିସ୍କୁଟ କ୍ଷୀର ଦେଇ
ଆଉଁସି ଦେବ ପିଠି କୁ ତାର
କଅଁଳ ଡେଣା ଦୁଇ ।

ପଞ୍ଜୁରୀ' ରଖି ଶୁଆଇଦେବ
ଡ଼ର ଲାଗିବନି ତାକୁ
ସାଙ୍ଗରେ ନିତି ବୁଲାଇନେବ
ଫୁଲ ଥିବା ବଗିଚା କୁ ।

ଆ'ଆ'ବୋଲି ଡାକି କହିଲା,
ଦିନ ରେ ତୋ ଦେଖା ନାହିଁ
ଧରିବି ବୋଲି ହାତରେ ମୋର
ପାଖେ ଆସିଛି ଧାଇଁ ।

କୁଆଡ଼େ ଯାଉ ଦିନ ସାରା ତୁ
ସକାଳୁ ଏମିତି ଆସୁ
କେଉଁଠି ଘର କିଏ ତୋ ସାଙ୍ଗ
କାହା ସାଥିରେ ଖେଳୁ ।

ଟିକି ପକ୍ଷୀ ଟି ଶୁଣିଲା ନାହିଁ
ଲୋନୀ ପାଟିର ଡାକ
ଉଡ଼ି ଯାଇ ସେ ଗଛଡାଳ କୁ
ଶୁଣାଇଲା ତା'ରାବ ।

କାନ୍ଦିଲା ଲୋନୀ ବଡ଼ ପାଟିରେ
ମାଆ ଆସିଲେ ଧାଇଁ
କୋଳକୁ ନେଇ ମୁଣ୍ଡ ଆଉଁସି
ସବୁ ଦେଲେ ବୁଝାଇ ।

ଆକାଶେ ଉଡ଼ା ଚଢେଇ ସିଏ
ମାନେନି କିଛି ବାଧା
ମେଘ ରାଇଜ ବଣ ପାହାଡ
ତା'ପାଇଁ ସବୁ ସିଧା ।

ଜାଣିନି ରାଗ ରୋଷ କି ଡ଼ର
ଖୋଲାରେ ଉଡ଼ିବୁଲେ
ଧରିଲେ ତାକୁ ଲାଗେନି ଭଲ
କଲବଲରେ ମରେ ।

ଖେଳି-ବୁଲି ସେ ସାଙ୍ଗ ସାଥିରେ
ଏମିତି ଉଡୁଥାଏ
ଶାଗୁଆ ବଣ ପରି ତା'ମନ
ଆମକୁ ଖୁସି ଦିଏ ।

ପୁରୀ ,ଓଡିଶା

କୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



"ପ୍ରଜାପତି"

ସୁଦ୍ରମା ପଣ୍ଡା

ପରଜାପତି ରେ ପରଜାପତି,
ଡେଣା ଝାଡି ଦେଉ କେଡେ ତଡତି ।।

ଡେଣା ଦୁଇଟି ତୋ କେଡେ ସୁନ୍ଦର,
କେଉଁଠୁ ପାଇଲୁ ରଙ୍ଗ ସମ୍ଭାର ।।

ଜାତି ଜାତି ଫୁଲେ ନିତି ବସୁଛୁ,
ଫୁଲ ଠାରୁ କି ତୁ ରଙ୍ଗ ଆଣୁଛୁ ?

ଫୁଲ କାନେ ନିତି କି କଥା କହୁ ?
ଗୁଣୁଗୁଣୁ ହୋଇ କି ଗୀତ ଗାଉ ?

ଫୁଲ କୁ ତୁ କେତେ ପାଉଛୁ ଭଲ,
ତା ସାଥିରେ ଖାଲି ହେଉଛୁ ଗେଲ ।।

କୁନି ହାତେ ମୋର କରି ଯତନ,
ଟିକି ବଗିଚା ଟି କରିଛି ଜାଣ ।।

କେତେ ଜାତି ଫୁଲ ଫୁଟିଛି ତହିଁ,
ଆସିବୁ କି ଥରେ ଦେ ତୁ କହି ।।

ତୋଅର, ମୋଅର ହୋଇବା ସାଥୀ,
ନାଚି, ଡେଇଁ ଖେଳ ଖେଳିବା ନିତି ।।

ଭଟଲି, ବରଗଡ଼

ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଫୁଲଟି କହେ..

ମନୋରମା ମିଶ୍ର

ଫୁଲ କହୁଥାଏ ଗଛରେ ଫୁଟି
ଚଉଦିଗେ ବାସ ଯାଉ ମୋ ଛୁଟି ।

ଆକାଶେ ଦିଶଇ ତାରା ଯେମିତି
ଗଛରେ ଫୁଟି ମୁଁ ଦିଶେ ସେମିତି ।

ଆକାଶ ଠାରୁ ମୋ ଗଛ ମହାନ
ସଭିଁଙ୍କୁ ତା'ଫୁଲ କରେ ସେ ଦାନ ।

ଧଳା ବାଇଗଣୀ ହଳଦୀ ନାଲି
ସବୁଜ ନାରଙ୍ଗୀ ଭଳି କି ଭଳି ।

ପ୍ରଭୁଙ୍କ ମସ୍ତକେ ପାଏ ମୁଁ ଶୋଭା
ତୋଳି ନେଇ କିଏ ସଜାଏ ଗଭା ।

ଲାଗିଥାଏ କାହିଁ ସାଜ ସଜ୍ଜାରେ
କେଉଁଠି ଲାଗେ ମୁଁ ପୂଜ୍ୟ ପୂଜାରେ ।

କିଏ ନେଇ ମୋତେ ଦୋକାନେ ରଖି
ବ୍ୟବସାୟ କରେ ଲୋକଙ୍କୁ ବିକି ।

ପିଲାମାନେ ଦେଖି ହୁଅନ୍ତି ଖୁସି
ବଡ଼ମାନେ କାମେ ଲାଗନ୍ତି ବେଶୀ ।

ବେଳେ ବେଳେ ମୋତେ ତୋଳିଟି କେହି
କାମେ ନ ଲଗାଇ ଫିଙ୍ଗନ୍ତି ନେଇ ।

ସେତେବେଳେ ଭାବେ ମନ ଦୁଃଖରେ
ଲାଗି ପାରିଲିନି କାହା ସୁଖରେ ।

ନୀଳାଦ୍ରି ବିହାର / ଭୁବନେଶ୍ୱର -୨୧

ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ସ୍ୱଚ୍ଛତା ଓ ସୁନ୍ଦରତା

ଜୟଶ୍ରୀ ପଟ୍ଟନାୟକ

ସ୍ୱଚ୍ଛ ରଖିବା ଆମ ବିଦ୍ୟାଳୟ
ସ୍ୱଚ୍ଛ ଆମ ପରିବେଶ
ବହିପତର ଠୁ ପିନ୍ଧିଲା ବସନ
ମନେ ଭରି ସଦା ହସ ।୧।

ସ୍ୱଚ୍ଛ ରଖିବା ଘର ଆଉ
ସ୍ୱଚ୍ଛ ତାର ଆଖପାଖ
ସ୍ୱଚ୍ଛ ରଖିବା ଠାକୁର ଘର
ଗାଁ ଗଣ୍ଡା ଚାରିପାଖ ।୨।

ଘଉଡାଇ ଦେବା ମଶା ମାଛି ସବୁ
ଅଳିଆକୁ ପୋଡିଦେଇ
ରାସ୍ତା ଘାଟ ସବୁ କରି ପରିଷ୍କାର
ପୋତିବା ଗଛକୁ ନେଇ ।୩।

ବ୍ୟବହାର କରି ଶୌଚାଳୟ
ଦେବା ବାରତା ସଭିଁଙ୍କୁ
ଏଠି ସେଠି ମଳ କରନାହିଁ
ଧ୍ୟାନ ଦିଅ ସୁସ୍ଥତାକୁ ।୪।

ଫୋପାଡିବା ନାହିଁ ଘର ଅଳିଆ
ଗାତ କରି ପୋତିଦେବା
ବଗିଚାର ଯେତେ ଶୁଖିଲା ପତର
ପୋଡି ଗଛମୂଳେ ଦେବା ।୫।

ସୁସ୍ଥ ରଖିବା ଦେହ ମନ ଆମ
ଶୁଦ୍ଧ ଓଡ଼ିଆକୁ କହି
କରିବାନି ଅଣଦେଖା ସେ ଭାଷାକୁ
ଓଡ଼ିଆ ସନ୍ତାନ ହୋଇ ।୬।

ନେବାରେ ଶପଥ ଭଲ ପାଠ ପଢି
ରଖିବା ଆମରି ନାଆଁ
ବଡ଼ଲୋକ ପରି ଭଲ କାମ କରି
ସେବିବା ଭାରତ ମାଆ ।୭।

ଅଳସୁଆ କେବେ ହେବା ନାହିଁ ଆମେ
ହେବା ନାହିଁ ସ୍ୱାର୍ଥପର
ଭେଦ ଭାବ କିଛି ନ ରଖି ମନରେ
ସଭିଁଙ୍କୁ କରିବା ନିଜର ।୮।

ମୋ ଜାତି ଓଡ଼ିଆ, ଭାଷା ମୋ ଓଡ଼ିଆ
ନିଃଶ୍ୱାସରେ ବି ଓଡ଼ିଆ
ପାଇକ ଜାତିର ଦାୟାଦ ଆମେରେ
ମାତୃଭାଷା ଆମ ବଢ଼ିଆ ।୯।

ପୁଣ୍ୟ ଉତ୍କଳ, ପୁଣ୍ୟ ଜନ୍ମଭୂମି
ପୁଣ୍ୟ ଜଗନ୍ନାଥ ଧାମ
ପୁଣ୍ୟ ମହାନଦୀ, ପୁଣ୍ୟ ମହୋଦଧି
ସୁନ୍ଦର ଓଡିଶା ନାମ । ୧୦।

ଗଙ୍ଗନଗର, ଭୁବନେଶ୍ୱର

ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଆମ ଚୁଲ୍ ବୁଲି

ପ୍ରତିଭା ପରିଜା

ପରି ତ ପରି ସରଗ ପରୀ
କିଏ ହବ ଆମ ଚୁଲ୍ ବୁଲି ସରି
ଅଳପ ହସେ ମଧୁ ବରଷେ
ଘର ମହକେ ମନଟା ରସେ
ସବୁରି ଓଠରେ ମହୁ ପରସେ
ଦୁନିଆ ଟା ତାର ସୁନ୍ଦର ଭାରି
ନ ଥାଏ ଟି କିଛି ଦୁନିଆ ଦାରି
ଥାଏ ଖାଲି ଭରା ସ୍ନେହ ଆଦର
ସବୁରି କୋଳ ରେ ଘର ତାହାର ।।

ଚୁଲ୍ ବୁଲି ଆଜି କଢି ଟେ ଅଛି
ଜୁଲୁ ଜୁଲୁ କରି ସବୁ ଦେଖୁଚି
ଖାଇବା ଦେଖିଲେ ମୁଣ୍ଡକୁ
ହଲାଇ ନାହିଁ କରୁଛି ।।

ଚୁଲ୍ ବୁଲି ଦିନେ ବଡ ହୋଇବ
ଠୁକୁ ଠୁକୁ ଚାଲି ଦଉଡୁ ଥିବ
କଢି ରୁ ପାଖୁଡା ମେଲି ଫୁଟିବ
ସାରା ଜଗତ ଟା ମହକି ଯିବ
କୁନି ଓଠେ ତାର କଥା କହିବ
ଗୀତ ଗାଇବ....
ସବୁରି ମନକୁ ମଜେଇ ଦବ ।।

ବହି ଖାତା ଧରି ଇସ୍କୁଲ ଯିବ
ସାଙ୍ଗ ସାଥି ସହ ପାଠ ପଢିବ
ଯେତେ ଭଲ କଥା ସବୁ ଶିଖିବ
ନିଜେ ଶିଖି ସବୁ ଶିଖାଇ ଦବ
ବାବା ମାମା ଙ୍କର ନାଁ ରଖିବ
ଏ ଦେଶ ର ଗର୍ବ ଗୌରବ ହବ ।।

ଗୁରୁଜନ ଙ୍କର ଆଶିଷ ବାରି
ମଥାରେ ତାହାର ପଡୁ ଯେ ଝରି
ପ୍ରଭୁ ତାକୁ କୁଶଳ ରେ ରଖନ୍ତୁ
ଭଲ ଜ୍ଞାନ ଭଲ ବୁଦ୍ଧି ଦିଅନ୍ତୁ ।।

।। ସିଡ଼ିଏ, କଟକ/ ଓଡ଼ିଶା ।।

ଜୁନି ପରୀ - ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ସୁନାଝିଅ ଜ୍ୟୋତି

ସୁଦର୍ଶନ ମହାପାତ୍ର

ଜ୍ୟୋତି କୁ କେତେ ସମୟ ଚାହିଁ ରହିଲା ନିର୍ମଳ । ମୁଦିଲା ଆଖି ଦୁଇଟି କିଛି କହୁଥିବାର ଅନୁଭବ କଲା ସେ । ପାଖକୁ ଯାଇ, ତା'ର ଆଖି ଦୁଇଟିକୁ ଆସ୍ତେ କରି ଛୁଇଁଲା ଏବଂ କପାଳରେ ଚୁମାଟିଏ ଦେଲା। ଟିକେ ଭଲ ଲାଗିଲା ଏଥର। ଫେରି ଆସି ଶୋଇ ପଡ଼ିଲା।

- ସକାଳକୁ ନିର୍ମଳ ଉଠିଲା ଡେରିରେ , ତରବର ହୋଇ ନିତ୍ୟକର୍ମ ସାରିଲା ବେଳକୁ ଜ୍ୟୋତି ସ୍କୁଲ ଯିବା କୁ ପ୍ରସ୍ତୁତ । ଘରୁ ବାହାରିବା ବେଳକୁ ହାତ ଟିକେ ହଲାଇ ଦେଇ ସ୍କୁଲ ବସ୍ ଆଡକୁ ପାଦ ପକାଇଲା ଶୀଘ୍ର ଶୀଘ୍ର ।... ଯେମିତି ସେ କଥା କହିବା ଭୁଲି ଯାଇଛି କାଲିଠୁ । ଗତକାଲିର କଥା ମନରେ ଆସିଲା ଆଉଥରେ ।..... କେତେ ଥର ସେ ମନା କରିଥିଲା ଜେଜେମା'ଙ୍କ ଚଷମାକୁ ନେଇ ଖେଳିବାକୁ ।.. କ'ଣ ଶୁଣିଲା ! ଜେଜେମା' ଙ୍କ ଚଷମା ପିନ୍ଧି , ତାଙ୍କରି ଭଳି ଛୋଟେଇ ଛୋଟେଇ ଚାଲିବାର ନକଲ କରୁଥିଲା। ବୋଉ ବି ଗେହ୍ଲା ନାତୁଣୀକୁ ଦେଖି ଆମୋଦିତ ହେଉଥିଲା ।.... ହଠାତ୍ ଜ୍ୟୋତି ଝୁଣ୍ଟି ପଡ଼ିଲା ଟିପୟରେ । ଚଷମା ଛିଟିକି ଯାଇ ଭାଙ୍ଗି ଚୁରମାର। .... ଆଉ ରାଗ ସମ୍ଭାଳି ନପାରି ....।

- ନିଜକୁ ଅସହଜ ମନେ କରୁଥିଲା ନିର୍ମଳ। ଅଫିସ ବାହାରିବା ଆଗରୁ ଜ୍ୟୋତିର ବହି ଥାକରେ "ଆଇ ଆମ୍ ସରି" ଲେଖି କାର୍ଡଟିଏ ଛାଡି ଆସିଥିଲା। ସ୍କୁଲରୁ ଫେରି ଝିଅ ନଜରରେ କାର୍ଡଟି ପଡି ସାରିଥିବ ବୋଧହୁଏ !....ଲଞ୍ଚ ଟାଇମ୍ ରେ ଅନ୍ୟମନସ୍କ ଭାବରେ ଟିଫିନ୍ ବକ୍ସର କଭର ଖୋଲୁଥିଲା ନିର୍ମଳ। ତା' ହାତରେ ବାଜିଲା ଭଙ୍ଗା ଭଙ୍ଗି ହୋଇଥିବା କାଗଜ ଖଣ୍ଡେ । ଜ୍ୟୋତି ର ହାତ ଲେଖା ଚିଠିଟିଏ।
- "ଆଇ ଲଭ ୟୁ ପାପା। ମୋର ଅନୁରୋଧଟିଏ ରଖିବ। ଜେଜେ ମା ଙ୍କ ପାଇଁ ଚଷମା ଶୀଘ୍ର କରାଇଦେବ। ମୋର ପ୍ରଥମାଷ୍ଟମୀରେ ଡ୍ରେସ୍ ଦରକାର ନାହିଁ, ହେଲା ! ପୁରୁଣା ଚଷମା ରେ ଜେଜେମା'ଙ୍କୁ ଭଲ ଦେଖା ଯାଉନଥିଲା। କେତେ ଦିନ ହେବ ଗୀତା, ଭାଗବତ ପଢି ପାରୁନାହାନ୍ତି । କହୁଥିଲେ ଚଷମା ପିନ୍ଧିଲେ ବି ଜାଲଜାଲୁଆ ଦେଖାଯାଉଛି। ତୁମେ ତ ଏକଥା ଜାଣ। ମୋ ଭଳିଆ ଜେଜେମା ଯଦି କେବେ ଝୁଣ୍ଟି ପଡ଼ିବେ...! ଏଇ ଥରକ ପାଇଁ ମୋତେ କ୍ଷମା କରିଦେବ ।"

- ସବୁ କଥା ବୁଝି ପାରିଲା ନିର୍ମଳ। ମନରେ ଏଥର ସଂଶୟଟିଏ ଉଙ୍କି ମାରିଲା। ତେବେ ଝିଅ କ'ଣ ଜାଣିଶୁଣି...!!
ପୁଣି ଥରେ ଚାହିଁଲା ଚିଠିଟିକୁ। ଲେଖା ଶେଷକୁ ଝିଅ ଚିତ୍ରଟିଏ ଆଙ୍କିଛି । ଛୋଟିଆ ଝିଅଟିଏ ଶୋଇଛି, ଆଉ ତା କପାଳରେ ଚୁମା ଦେଉଛନ୍ତି - ତା'ର ପାପା ।

ନିର୍ମଳ ର ଆଖି ଏବେ ଛଳଛଳ। ନିଜକୁ ଯଥା ସମ୍ଭବ ଦୃଢ଼ ରଖିବାକୁ ଚେଷ୍ଟା କଲା ଅଫିସ ଭିତରେ । ରୁମାଲରେ ଆଖି, ମୁହଁ ପୋଛି ପକାଇଲା । ଏଥର ଘଣ୍ଟାକୁ ଚାହିଁଲା । ଅଫିସ ସମୟ ଶେଷ ହେଉନି ଯେ !

ମୋବାଇଲ ରିଂ ହେଉଛି। ମିସେସ୍ ର ଫୋନ୍। ସେପଟରୁ ଶୁଭିଲା କଅଁଳିଆ ସ୍ୱରଟିଏ । -"ପାପା, କେତେବେଳେ ଆସିବ? ଆସିଲା ବେଳକୁ ମୋ ପାଇଁ ଚକୋଲେଟ୍ ଆଣିବ।" - ଜ୍ୟୋତିର ସ୍ୱର। - ତା'କୁନିପରୀ ର ଛୋଟିଆ ଅଳି !

ଖୁସିରେ ଯେମିତି ପାଗଳ ହୋଇଯିବ ନିର୍ମଳ । ଲୁହଟା ଆଉ କଥା ମାନୁନି, ଠିକ୍ କାଲି ରାତିରେ ଝିଅ ଅମାନିଆ ହେଲା ପରି। ନାଁ, ଝିଅ ଗାଲରେ ଚାପୁଡାଟିଏ କଷିଦେଲା ଭଳି ଭୁଲ୍ ଆଉ କେବେ କରିବନି, ଯେତେ ଦୁଷ୍ଟାମୀ କଲେ ବି....। ଲୁହ କେଇ ବୁନ୍ଦା ଆଖିରୁ ଖସି ପଡ଼ିସାରିଥିଲା ସେତେ ବେଳକୁ । ଓଃ....! କେତେ ହାଲକା ଲାଗୁଛି ଏବେ ! କେତେ ଶାନ୍ତି !!!

ପରଦିନ ସ୍କୁଲରୁ ଫେରିଲା ବେଳକୁ ଜେଜେ ମା ଙ୍କ ଆଖିରେ ଚଷମା ଥିବାର ଦେଖିଲା ଜ୍ୟୋତି । ପାପା ତା'ହେଲେ ଆଜି ଅଫିସ ଯାଇ ନାହାନ୍ତି ! ଧୀରେ ଧୀରେ ଯାଇ ଜେଜେମା'ଙ୍କ ପାଖରେ ଠିଆ ହେଲା। ଆରେ,ପାପାଙ୍କୁ ଲେଖିଥିବା ଚିଠି ହିଁ ଜେଜେ'ମା ଙ୍କ ହାତରେ ! -"ତୁମେ ତୁମର ଗୀତା, ଭାଗବତ ପଢୁନ କାହିଁକି? " ଲାଜେଇ କହିଲା ଜ୍ୟୋତି।

-"ଗୀତା, ଭାଗବତ ଠାରୁ ଆହୁରି ମହାନ୍ ମୋ ପରୀର ଏ ଚିଠି । ସବୁତ ଏଥିରେ ଲେଖା ଯାଇଛି । ଠାକୁର ତୋତେ ସବୁ ଖୁସି ଦିଅନ୍ତୁ ମା ! "ଜ୍ୟୋତି କୁ ଗୋଟାପଣ କୋଳକୁ ଟାଣି ନେଇ କହିଲେ ଜେଜେ ମା...।

-"ତୁ ତ ମୋ ଆଖିର ଜ୍ୟୋତି। ମୋର ଚଷମା କ'ଣ ଦରକାର ଥିଲା ! ମୋ ଲାଗି ବାପା ଠାରୁ ମାଡ଼ ଖାଇଲୁ !"
ନିର୍ମଳ ହାତରେ ଥିବା ନାଲି ଟୁକୁ ଟୁକୁ ଡ୍ରେସ୍ ଉପରେ ନଜର ପଡି ସାରିଥିଲା ଜ୍ୟୋତିର। ତା ମୁହଁରେ ହସ ଝଟକୁଥିଲା ଯେମିତି।
ଜେଜେ ମା,ପାପା ଆଉ ମାମାଙ୍କ ଆଖିରେ ଖୁସିର ଲୁହ ଝଲମଲ କରୁଥିଲା ବୋଲି ଜ୍ୟୋତି ଅନୁଭବ କରୁଥିଲା ।.....
- ଚଷମା ଭାଙ୍ଗି ଯିବାର କାହାଣୀ ପୁରୁଣା ହୋଇ ଯାଇଥିଲା ..।

କୁଞ୍ଜବିହାରୀ ଲେନ, କଟକ

କୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ମୁଁ କୁନିପରୀ

ଶ୍ରୀମତୀ ବସନ୍ତ ମିଶ୍ର

କୁନି ପରୀ ମୁଁ କୁନି ପରୀ
କିଏ ହେବ ମୋ ହସ ସରି
ନାଚି, ଝୁମି ଘର ଅଗଣାରେ ଦିଏ
ସବୁରି ମନରେ ଖୁସି ଭରି ।୦।

ସଭିଏଁ କରନ୍ତି ଗଳାମାଳି
ଚଗଲା ହେଲେ ମୁଁ ଶୁଣେ ଗାଳି
କିଏ ଡାକେ ମୋତେ ଧନ, ସୁନା ଆଉ
ନୟନର ମଣି, ଫୁଲଝରି ।୧।
କୁନି ପରୀ ମୁଁ କୁନି ପରୀ .....।

ଖେଳି ବୁଲୁଥିଲି ଆନନ୍ଦରେ
ବେଢି ପଡିଲାଣି ମୋ ଗୋଡରେ
ନିତି ନିତି ଧାଏଁ ବିଦ୍ୟାଳୟ ବୋହି
ପିଠି ପରେ ବହି ବୋଝ ପରି ।୨।
କୁନି ପରୀ ମୁଁ କୁନି ପରୀ .....।

ସକାଳରୁ ରାତି ହେବା ଯାଏ
ବସି ପାଠ ବହି ଘୋଷୁଥାଏ
ପୋକ ପରି ଲାଗିରହି ବହି ସାଥେ
ମନରୁ ସରାଗ ଯାଏ ମରି।୩।
କୁନି ପରୀ ମୁଁ କୁନି ପରୀ ...

ଖେଳିବାକୁ ଦିଅ ଖେଳ ବେଳେ
ପାଠ ପଢିବି ମୁଁ ଯଥା ବେଳେ
ଫୁଲ ସମ ଫୁଟି ବାସ ବିତରିବି
ମୁଁ ପରା କୋମଳ ଟିକି କଳି।୪।
କୁନି ପରୀ ମୁଁ କୁନି ପରୀ .....।

, ମାଧବନଗର,/ଭଦ୍ରକ -୭୫୬

ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



କୁନିଟି ମୋର

ପ୍ରବାସିନୀ ହୋତା



କୁନିଟି ମୋର କେଡ଼େ ସୁଧାର କହେନା କଡା କଥା,
ମନଟି ତାର ଭାରି କୋମଳ ଶିମିଳି ତୁଳା ଯଥା ।।

ଜହ୍ନ ପରିକା ମୁହଁଟି ତାର ନୀଳ ଆକାଶ ଆଖି,
ଥରୁଟେ ଯିଏ ଦେଖିବ ତାକୁ ତା ମନ ଯିବ ଲାଖି ।।

ହସରୁ ତାର ଝରଇ ମହୁ କଥା ତା ବୀଣା ଜିଣା,
ସ୍ୱଭାବ ତାର ଭାରି ସୁନ୍ଦର ସତରେ ମନକିଣା ।।

ଅଳି ଅଝଟ କରେନା କେବେ କଦବା କେବେ ରୁଷି,
ଆଖିରୁ ଝରେ ହୀରା ପରିକା ଲୁହ ନିରବେ ବସି ।।

ତା କଥାଟିକୁ ପାରିଲେ ବୁଝି ହସଇ ଖିଲିଖିଲି,
ମଜା କଥାଟେ କହିଲେ ତାକୁ ନାଚେ ସେ ମାରି ତାଳି ।।

ବଡ଼ଲୋକଙ୍କୁ କରେ ପ୍ରଣାମ ଆସିଲେ ଅତିଥି ହୋଇ,
ଛୋଟମାନଙ୍କୁ ସେନେହ ଭରେ କୋଳ କରଇ ସେହି ।।

ବାପାମାଆଙ୍କ କଥା ମାନଇ ତେଣୁ ସେ ଅଲିଅଳି,
ସଭିଙ୍କ ଠାରୁ ସେନେହ ପାଏ ଖାଏନା ମାଡ଼ଗାଳି ।।

ବଡ଼ ହେଲେ ସେ ଗଢିବ ଏକ ସୁନ୍ଦର ପରିବାର,
ନ ଥିବ ଯହିଁ ରାଗରୋଷ କି ଅଶାନ୍ତି ଅହଙ୍କାର ।।

ଭଟଲି ଛକ, ବରଗଡ଼

ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ସପନ ରାଇଜ ପରୀ

ଅମ୍ବିକା ସ୍ୱାଇଁ



ରାନୀ ଶୋଇ ଥିଲା ମା'ର କୋଳରେ
ହଠାତ୍ ଚିହିଁକି ଉଠିଲା,
ଧଡ୍ କିନା ଉଠି ମା ପଚାରିଲେ
ରାନୀ ତୋର କିସ ହୋଇଲା ॥

ରାନୀ କହିଲା ଖନେଇ,ଖନେଇ
ମା'ଲୋ ମା ଦେଖିଲି ସପନେ ମୁହିଁ,
ସରଗ ରାଇଜୁ ଆସିଛି ପରୀ
ଟାଣି ନେଉଛି ମୋ ହାତ ଧରି ॥

ଯେତେ କହିଲି ମୁଁ ମୋ ମାଆ କୁ ଛାଡି
ଯିବିନି ତୋ ସାଥେ କେବେ,
ଖେଳନା କଣ୍ଢେଇ କିଣି ଦେବି ତୋତେ
ତୁ ଖୁସିରେ ଆସେ ତେବେ ॥

ଭାବିଲି କେତେ ମୁଁ ଯିବି ତା'ର ସାଥେ
ସଜ ବାଜ ପୁଣି ହେଲି,
ଫ୍ରି ଜ୍ ରୁ କାଢି ଚକୋଲେଟ୍ ଆଣି
ତା'ର ହାତେ ମୁହିଁ ଦେଲି ॥

ନିଦ ଭଙ୍ଗିଗଲା ପରୀ ଚାଲିଗଲା
ମନେ ଭରି ଗଲା ଦୁଃଖ,
ଖୋଜି ଖୋଜି ତାକୁ ପାଉ ନାହିଁ ଆଉ
ହଜି ଗଲା ମୋର ସୁଖ ॥

ଚାଲି ଗଲା ସିଏ ସରଗ ରାଇଜ
ଆଉ କି ଆସିବ କୁହ,
ପରୀ ସାଥେ ମୋର ଖେଳିବାକୁ ମନ
ତାକୁ ମୋତେ ଆଣି ଦିଅ ॥

ମାଆ କହିଲେ ତୁ ଶୋଇପଡ଼ ରାନୀ
ପରୀ ଆସିବ ପୁଣି ଫେରି,
ସପନ ରାଇଜେ ବାଲିଘର ତୋଳି
ତା'ସାଥେ ଖେଳିବୁ ମନ ଭରି ॥

ସୁନା ଝିଅ ହୋଇ ରାନୀ ଶୋଇଗଲା
ଆଖି ବୁଝି ମା'ର କୋଳେ
ନିଦ ଆସି ଗଲା ପରୀ କଥା ଭାବି
ପରୀ ଆସିଲା ସପନ ଦୋଳେ ॥

***

ଭୁବନେଶ୍ୱର, ଓଡ଼ିଶା

visit : www.hirranmayi.com

ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର





ନୀଳପରୀ

ତାପ୍ତିମୟୀ ପଣ୍ଡାମିଶ୍ର

ଶତ ଗୌରବର ସ୍ୱାଭିମାନ ଘେନି
ଜାତ କୁନିପରୀ ତୁହି
ଭୂମିଷ୍ଠେ ତୋହର ପ୍ରାଣ ପରିପୁଷ୍ଟ
ଖୁସୀର ରାଗିଣୀ ଗାଇ ।।
ଖିଲି ଖିଲି ହସ ଚପଳାର ଛନ୍ଦେ
ନାଚୁଅଛୁ ଭାଗ୍ୟାକାଶେ
ହୃଦୟ କୋଣରେ ରହିଛୁ ଗୋପନେ
ଚନ୍ଦନ ଚର୍ଚ୍ଚିତ ବେଶେ ।।

ଶୁଖିଲା ମୋ ଭୁଇଁ ଶୂନ୍ୟ ଆକାଶରେ
ହରିଲା ଭରିଲା ଫୁଲ
ମନ ଅଗଣାରେ ଖେଳୁ ନାନା ରଙ୍ଗେ
ଭରିଦେଇ ମୋର କୋଳ ।।
କରିଲୁ ଉଜୁର ଅଗଣାକୁ ମୋର
ଚାନ୍ଦର ଚାନ୍ଦିନୀ ସାଜି
କୁନି ମୁହଁ ତୋର କୁହୁକ କରିଛି
ଯାଉଛି ଆନନ୍ଦେ ମଜ୍ଜି ।।

ତୋ କୋମଳ ସ୍ପର୍ଶ କରିଦିଏ ମୁଗ୍ଧ
ପ୍ରାଣ ହୁଏ ପଲ୍ଲବିତ
ନାଲି ଓଠର ତୋ ଦୁଇପଦ କଥା
କରେ ମୋତେ ବିମୋହିତ ।।
ଆଲୋ ନୀଳପରୀ ନୟନ- ସରସୀ
ଚାହାଣୀ ତୋ ମୋହେ ମନ
ମାଆ ବୋଲି ତୁହି ଡାକି ଦେଲେ ଥରେ
ଲାଗେ କଲି ସୁଧାପାନ।।

ମୋହ- ଯନ୍ତ୍ରଣା -ଜୀବନ ମଛନୁ
ସାଉଁଟି ଆଣିଛି ତୋତେ
ମହକାଇ ଦେଲୁ ବାସ୍ନା ରେ ତୋହର
ତନୁମନ ମୋର ଯେତେ ।।
ଫୁଲ କଢି ଟିଏ ଫୁଟିବୁ ତୁ ଦିନେ
ଚଉଦିଗେ ବାସ୍ନା ଭରି
ଜନ୍ମ ଜନ୍ମାନ୍ତରେ ଆସୁଥିବୁ ତୁହି
ମୋ କୋଳ ମଣ୍ଡନ କରି ।।

॥ ମେଲଛାମୁଣ୍ଡା, ବରଗଡ ॥

ଜନ୍ମ ପରୀ - ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୂର୍ଖ



ସୁଧାଂଶୁ ଶେଖର ଦ୍ୱିବେଦୀ



ଜଣେ ଚାଷୀର ତିନିପୁଅ ଥାଆନ୍ତି । ତିନିଜଣ ପୁରା ଗଣ୍ଡ ମୂର୍ଖ, ଅଯୋଗ୍ୟ, ଅଳସୁଆ । ସେମାନଙ୍କ ପାଇଁ ଚାଷୀ ସବୁବେଳେ ଚିନ୍ତାରେ ରହେ।

ଦିନେ ସେହି ଗାଁକୁ ଜଣେ ମହାତ୍ମା ଆସିଥାନ୍ତି । କାଳେ ମହାତ୍ମାଙ୍କ ସାନିଧ ପାଇ ବଦଳିଯିବେ ଏହା ଭାବି ଚାଷୀ ତିନିହେଙ୍କୁ ତାଙ୍କ ସେବା-ଶୁଶ୍ରୁଷାରେ ଲଗେଇଦେଲା। ତିନିହେଁ ଖୁବ ମନ ଲଗାଇ ମହାତ୍ମାଙ୍କର ସେବା-ଯତ୍ନ କଲେ। ସେମାନଙ୍କ ସେବା ଭାବରେ ମୁଗ୍ଧହୋଇ ମହାତ୍ମା ତିନିହେଁକୁ ଇଚ୍ଛାବର ମାଗିବାକୁ କହିଲେ। ତାହାହିଁ ହେଲା ।

ତିନିଭାଇ ଇଚ୍ଛାବର ପ୍ରାପ୍ତ କରି ମନ ଖୁସିରେ ଘରେ ପହଞ୍ଚିଲେ।...

ବଡ଼ଭାଇ ଯେଉଁ ବର ପାପ୍ତ କରିଥିଲା ତାହା ପରଖିବା ପାଇଁ ନିଜ କୋଠରୀ ଭିତରକୁ ଯାଇ କହିଲା,'ମୋ କୋଠରୀ ଟଙ୍କାରେ ଭରିଯାଉ।' ସଙ୍ଗେସଙ୍ଗେ କୋଠରୀରେ ବିଡା ବିଡା ଟଙ୍କାରେ ଭରିଗଲା।

ମଝିଆଭାଇ ମଧ୍ୟ ମନର ଶଂକାକୁ ଦୂର କରିବାପାଇଁ ବଡ଼ଭାଇ ପରି ତା କୋଠରୀକୁ ଯାଇ କହିଲା,'ମୋ କୋଠରୀ ସୁନା-ରୂପାରେ ଭରିଯାଉ।' ଦେଖୁ ଦେଖୁ ତା କୋଠରୀ ବି ସୁନା-ରୂପାରେ ଭରିଗଲା।

ବାକି ରହିଲା ସାନଭାଇ। ସେଇବେଳେ ଚାଷୀ କ୍ଷେତରୁ ଘରକୁ ଫେରିଥାଏ। ବଡ଼ ଓ ମଝିଆ ପୁଅ ଧନବାନ ହୋଇଯାଇଛନ୍ତି ଦେଖି ଆମ୍ ବିଭୋର ହୋଇପଡିଲା। କିନ୍ତୁ ପରକ୍ଷଣରେ ଭାବିଲା ଏତେଗୁଡିଏ ଟଙ୍କା-ସୁନା-ରୂପା କଣ ହେବ? ତା ଅପେକ୍ଷା ଦୈନଦିନ ଜୀବନରେ କିଛି ମହତ୍ୱପୂର୍ଣ୍ଣ ବିଷୟ ମାଗିଥିଲେ କାମରେ ଆସିଥାନ୍ତା ! ଭାବନାରେ ମଗ୍ନ ଥିବାବେଳେ ତା ସାନପୁଅ ଆସି କହିଲା,'ବାପା , ତୁମେ କୁହ ମୁଁ କି ବର ମାଗିବି ?'

- ତୁ ସୁଖ-ଶାନ୍ତି-ସନ୍ତୋଷ ଆଦି କିଛି ବି ମାଗି ନେ।

- ଏସବୁ ଧନଠାରୁ ବହୁ-ଗୁଣରେ ଶ୍ରେଷ୍ଠ । ଚାଷୀ ସାନ ପୁଅକୁ କହିଲା ।

ପରନ୍ତୁ ସେ ତା ବାପା କଥା ନମାନି ବଡ଼ ଦୁଇ ଭାଇଙ୍କ ଭଳି ଧନଶାଳୀ ହେବାପାଇଁ ଜିଦ ଧରିଲା ।

ବାପା ବଡ଼ ଦୁଇ ପୁଅଙ୍କୁ ବୁଝେଇ କହିଲା, ' ତୁମେ ଦୁହେଁ ତ ବହୁତ କିଛି ମାଗି ନେଇଛ ସେଥିରୁ କିଛି ସାନଭାଇକୁ ଦିଅ। ଆଉ ତା ପାଖରେ ଯେଉଁ ବରଦାନ ଅଛି ସେଇଟିକୁ ଆମର କୌଣସି ବିପତ୍ତି ସକାଶେ ସଞ୍ଚିତ ଥାଉ।'

ବଡ଼ ଦୁଇ ଭାଇ ବାପାର କଥାକୁ ମାନିଲେନାହିଁ ବରଂ ଯୁକ୍ତିକରି କହିଲେ,' ଆମେ କାହିଁକି ଦେବୁ? ସେ ତା ଇଚ୍ଛା ଅନୁସାରେ ମାଗୁ।'

ସେଇ କଥାକୁ ନେଇ ତିନିଜଣଙ୍କ ମଧ୍ୟରେ ବହୁସମୟ ଯାଏ ଯୁକ୍ତି-ତର୍କ ଚାଲିଲା । ସାନପୁଅ ସେମାନଙ୍କ ଯୁକ୍ତି-ତର୍କରେ କ୍ଷୁବ୍ଧ ହୋଇ ନିଜର ଇଚ୍ଛା-ବର ମାଗି କହିଲା,' ମୋ ଦୁଇ ଭାଇ ପୂର୍ବପରି ହୋଇଯାଆନ୍ତୁ।

ଚାହୁଁଚାହୁଁ ବଡ଼ ଦୁଇଭାଇଙ୍କ ଟଙ୍କା-ସୁନା ଭର୍ତ୍ତି ଥିବା କୋଠରୀ ଶୂନ୍ୟ ହୋଇଗଲା ।

ତିନିହେଁ ଯେଉଁ ମୂର୍ଖକୁ ସେଇ ମୂର୍ଖ ହୋଇ ରହିଗଲେ ...।....

॥ ବିସି-୭୪/ସେକ୍ଟର-୧,ସ୍ଲଟ ଲେକ,କୋଲକତା ॥

କୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ମୋ କୁନିପରୀ

(ରାଗ-ଚୋଖି)


ମୁରାରୀ ପ୍ରସାଦ୍ ପଶାଏତ୍

ତୁହିଁ ଲୋ ମୋ କୁନିପରୀ ହସୁଥାଉ କିରିକିରି
ପାଦ ତୋର ଥିରି ଥିରି ଭାରି ସୁନ୍ଦରୀ
କଥା ତୋର ମଧୁଝରି ତୋ ଦର୍ଶନେ ଦୁଃଖ ହରି
ସବୁରି ଅନ୍ତରେ ସ୍ନେହ ଦେଉ ଲୋ ଭରି ।
କଇଁ କଇଁ କାନ୍ଦ ତୋହରି ,
ଆଖିରୁ ପଡଇ ସତେ ମୁକୁତା ଝରି ...।୧।

ଭାବ ତୋର ଅସୁମାରି ତୁ ନୋହୁ ଅରି କାହାରି
ମାଆଁ କୋଳ ସ୍ୱର୍ଗପୁରୀ ସତେ ତୋହରି ।
କୋଟି ପୂଣ୍ୟ ଥିଲି କରି, ତୁ ଆସିଛୁ ଅବତରି
ଧନ୍ୟ ମୁହିଁ ଆଜି ତତେ କୋଳରେ ଧରି ।
ତୋ ପାଇଁ ମୁଁ ନ ଯାଏଁ ହାରି
ଦେଖୁଛି ସପନ ସତେ ମୁଁ ଅସୁମାରି।୨।

ତୁ ମୋର ସରଗଶିରୀ ପୂର୍ଣ୍ଣଚାନ୍ଦ ଅପସରୀ
ତୁ ହିଁ ମୋ ସୌଭାଗ୍ୟ ତରୀ କରିବୁ ପାରି ।
ବୃଦ୍ଧ କାଳରେ ମୋହରି ଚଳାଇବୁ ହାତଧରି
ହରିକଥାମୃତ ଦେବୁ କର୍ଣ୍ଣରେ ଭରି ।
ସୁପ୍ତ ପ୍ରାଣେ ସିଞ୍ଚିବୁ ବାରି,
ପ୍ରାଣ ପ୍ରୟାଣ କରିବି ଶ୍ରୀହରି ସ୍ମରି ।୩।

ଶରଧା।
ସ,ଶି,ମ, ବଡେଇମୁଣ୍ଡା,ଝାରସୁଗୁଡା।
ମୋ: ୮୬୫୮୨୧୮୮୧୫



କୁନି ପରୀ - ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଲାଲି ପାଇଁ ନାନାବାୟା ଗୀତ

ରଶ୍ମୀତା ଦୀକ୍ଷିତ

ଆ ନେଇଯିବି ତତେ ମୁଁ
ସେଇ ନିଦ ରାଇଜେ
ମିଠା ମିଠା ସପନ ମୋ
ଲାଲି ଆଖି ରେ ସାଜେ ।

ପରୀ ମାନେ ଡାକୁଛନ୍ତି
ଆଖି ମିଟିକା ମାରି
ତୋ ପାଇଁ ସଜାଇଛନ୍ତି
ରୁପା ଫୁଲର ଦୋଳି ।

ଲାଲି ଓଠେ ମିଠା ହସ
କାହାକୁ ଖୋଜେ..
ସିଏ କାହାକୁ ଖୋଜେ ?
ମା ତ ଅଛି ତୋ ପାଖରେ
ଗାଉଛି ନିଜେ
ଗୀତ ଗାଉଛି ନିଜେ ....
ଆ ନେଇଯିବି ତତେ ମୁଁ .....।

ନିଦ ମାଉସୀ ଡାକୁଛି
ତା'ର ଝୁଲଣା ଧରି
ଶୋଇ ପଡିବ ମୋ ଲାଲି
ଆଉ ଡେରି ନ କରି ।

ଲାଲି ମୋର ପ୍ରଜାପତି
କୁନି ପରୀ ସୁନ୍ଦରୀ
ଟିକି ହରିଣୀ ପରି
ହଁ, ଟିକେ ଖରଖରୀ ।



ମାଉସୀର ଝୁଲଣାରେ
ଲାଲି କି ବୁଝେ..
ଆମ ଲାଲି କି ବୁଝେ ?
ମା'ର କୋଳ ବେଶୀ ଲୋଡ଼ା
ଆଖି ଟି ବୁଜେ
ଧୀରେ ଆଖି ଟି ବୁଜେ....
ଆ ନେଇ ଯିବି ତତେ ମୁଁ.....।

ଶିକ୍ଷୟିତ୍ରୀ
୪୨ ମୌଜା , କଟକ

ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ପ୍ରିୟ ଭାଜନ



ପ୍ରସନ୍ନ କୁମାର ମାଦଳା

କୋମଳ ମତି ପିଲାଏ ଅତି
ସରାଗେ ବସି ଶୁଣ
କହିବି ଆଜି କଥାଏ ମାଜି
ଭଲ ମଣିଷ ଗୁଣ ।
କରମେ ବଞ୍ଚି ଧରମ ସଞ୍ଚି
ରଖି ଭକତି ଭାବ
ବଢିଲେ ଆମେ ସକଳ କାମେ
ପାଇବା ସିନା ଲାଭ ।
ସତ୍ୟରେ ପ୍ରୀତି ଅହିଂସା ନୀତି
ଶାନ୍ତି ମଇତ୍ରୀ ବୁଝି
ହରଷ ମୁଖେ ସଭିଙ୍କ ସୁଖେ
ବିପଦେ ଥିବା ଯୁଝି ।
ଅନ୍ୟର ଭୋକ ରୋଗ ଓ ଶୋକ
ବୁଝିଲେ ସୁଖ ଯେଉଁ
କପଟେ ଥାଇ ଯାହା ବି ପାଇ
ଗଣା କି ସୁଖେ କେଉଁ ?
କହିବା ଯାହା କରିବା ତାହା
ଭାବି ଓ ଚିନ୍ତି ମନେ
ଜଗତ ନାଥ ଶ୍ରୀଜଗନ୍ନାଥ
ଜାଣନ୍ତି ପ୍ରତି କ୍ଷଣେ ।
ନକହି ମନ୍ଦ ରଖିବା ବନ୍ଦ
ମୁହଁକୁ ପଛେ ଆମେ
ନଶୁଣି କାନେ ରହିବା ଧ୍ୟାନେ
ନଦେଖି ମନ୍ଦ କାମେ ।
ସଞ୍ଜ ସକାଳେ ନିତି ଯେ ଭାଳେ
ଭଗବାନଙ୍କ ନାମ
ମିଳଇ ରାହା ହୁଅନ୍ତି ସାହା
ସର୍ବଦା ସୀତା ରାମ ।
ବିଦ୍ୟା ଓ ବୁଦ୍ଧି ହୁଅଇ ବୃଦ୍ଧି
କଲେ ସଂସାର ସେବା
ସେଇଥି ପାଇଁ ଜଗତେ ଯାଇ
ପ୍ରିୟ ଭାଜନ ହେବା ।

ରାଉରକେଲା-- ୭୬୯୦୦୨ / ଦୂରଭାଷ - ୭୯୭୮୧୯୨୨୨୭

visit : www.hirranmayi.com

କୁନି ପରୀ - ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



କୁନି ପରୀ ଆମ " ନିକୁ " ସୁନ୍ଦରୀ..

ତ୍ରିଲୋଚନ ପଣ୍ଡା



କୁନି ପରୀ ଆମ " ନିକୁ " ସୁନ୍ଦରୀ
ଏଇଠି ଖୋଜିଲେ ସେଇଠି ଥାଏ
ଟିକି ଟିକି ପାଦେ ଡୁଗୁ ଡୁଗୁ ହୋଇ
କବାଟ ମେଲେଇ ପଦାକୁ ଧାଏଁ ॥୧॥

ସକାଳୁ ଉଠିଲେ ଚବର ଚବର
ମୁହଁରେ ଜମାରୁ ନ ଥାଏ ତାଲା
ଯାହା ଶୁଣିଦିଏ ଯାହା ଦେଖିଦିଏ
ନକଲ ଉତାରି ଲଗାଏ ପାଲା ॥୨॥

ଜେଜୀକୁ ତାଆର ଡାକୁଥିଲି ଦିନେ,
"ହଇହେ ଶୁଣିଲ ଇୟାଡେ ଟିକେ,"
ସେଇ ଦିନଠାରୁ ଜେଜୀ ଡାକ ଛାଡି
"ହଇହେ ଶୁଣିଲ' ଜେଜୀକୁ ଡାକେ ॥୩॥

ଆସିଥିଲେ ଦିନେ ଅଜା ଆଈ ତା'ର
ଦେଖିବାକୁ ତାକୁ ଶରଧା ଭରେ
ଫେରିଲା ବେଳକୁ ଆସୁଛି "ସମୁଦୀ"
ନମସ୍କାର କରି ଲେଉଟି ଗଲେ ॥୪॥

ସେଇ ଦିନଠାରୁ ଚଗଲି ଆମର
ଡାକୁନାହିଁ ଜେଜେ କେବେ ବି ମୋତେ
ଖିଲିଖିଲି ହସି "ସମୁଦୀ" ଡାକୁଛି
ବୁଝୁନି ଜମାରୁ କହିଲେ ଯେତେ ॥୫॥

ବାହାଘର ଭୋଜୀ ଖାଇବାକୁ ଦିନେ
ବାପା ସାଥେ ଯାଇଥିଲା ଚଗଲି
ଫେରିଆସି ଘରେ କହିଲା ବାପାକୁ
ତୁମେ ବାହା ହୁଅ ଚଞ୍ଚଳ କାଲି ॥୬॥

ଭାରି ମଜା ହେବ ଭୋଜିଭାତ ହେବ
ରଙ୍ଗ-ବେରଙ୍ଗର ଜଳିବ ବତି
ଆମ କଲୋନୀର ମୋ ସାଙ୍ଗ ଯେତେକ
ଆସିବେ ନାଚିବେ ପାହିବ ରାତି ॥୭॥
* * *
ଆଣ୍ଠୁ ରହିଲାଣି ଅଣ୍ଡା ଧରିଲାଣି
ଆମ ଦୁହିଁଙ୍କର ଚାଲିବା କଷ୍ଟ
ଜୀବନ ଆମର ଚଞ୍ଚଳ ଲାଗୁଛି
ଘରେ ହୁଏ ବୋଲି ନାତୁଣୀ ଦୁଷ୍ଟ ॥୮॥

ବଡ ଚଗଲାମୀ ଘା' କରିଦିଏ
ପିଲା ଚଗଲାମୀ ତୁଟୁକା ପରି
କୁନା ମୁନା ବିନା କି ଘର ସେ ଘର
ଯେତେ ଧନ ମାନ ଥାଉ ବି ଭରି ॥ ୯ ॥

ଯୋଗାଯୋଗ - ୯୪୩୯୧୯୭୫୬୦

ଜୁନି ପରୀ - ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



କୁନି ପରୀ

ଶ୍ରୀ ଉତ୍ସବୁଧର ବାଗ

ଛୁଅଁନା ଛୁଅଁନା ଜମାରୁ ଛୁଅଁନା
ତାକୁ ଜମାରୁ ଛୁଅଁନା ତୁମେ।
କଢ଼ଟିଏ ସିଏ ସରାଗେ ବଢୁଛି
ଦିନେ ଫୁଟିବ ଏ ଧରା ଧାମେ।

ସରଳ ନୀରିହ ନିଷ୍ପାପ ଶିଶୁଟି
ସତେ ସିଏ ଏକ ଫୁଲ କଢ଼ି ।
ଫୁଟିବା ଆଗରୁ ଛିଣ୍ଡାଅନି ତୁମେ
ତାକୁ ମୂଳରୁ ଦିଅନା ତାଡି ।


ଚେଷ୍ଟା କରନାହିଁ ଅଟକାଇବାକୁ
ଅଟକାଅନା ଜମା ତାହାକୁ ।
ନଈଟିଏ ସିଏ ବହିବହି ଯିବ
ଜଳ ଦେଇଯିବ ତୃଷାର୍ତ୍ତକୁ ।

ଦେଖ ତାକୁ ଦେଖ ଓହ୍ଲାଇ ଆସିଛି
ସେହି ସରଗ ରାଇଜ ଠାରୁ ।
ପରୀଟିଏ ସେ ସୁନା ଝରିଟିଏ ସେ
ଝରେ ମୁକୁତା ତା'ର ହସରୁ।

ଜାଣେନି ଛଳନା ଜାଣି ନାହିଁ ମାୟା
କପଟିଆ ଭାବ ସେ ଜାଣେନା ।
ସହାସ୍ୟ ବଦନ ଦିଶେ ଶୋଭାବନ
ତା'ପାଇଁ ଯେ ସୁନ୍ଦର ଅଗଣା।

ସୁରୁ ସୁରୁ ପାଦ ଟିକି ଟିକି ହାତ
ଟିକି ଟିକି ଯେ ତା'ର ହୃଦୟ।
ଭାଙ୍ଗିଦିଅ ନାହିଁ ମନକୁ ତାହାର
ଦିଅ ତାକୁ କୋଳରେ ଆଶ୍ରୟ।

। ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି ।



visit : www.hirranmayi.com

ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ତୁମ ପରି ଛୋଟ ପିଲାଟିଏ

ସୁଷମା ପରିଜା



ତୁମ ପରି ଛୋଟ ପିଲାଟିଏ
ଷୋଳ ବରଷର ହୀରା ସିଏ
ନାଆଁ ଟି ତାହାର " ଗ୍ରେଟା ଥନବର୍ଗ "
ଭାରି ବୁଦ୍ଧିମତୀ ଝିଅ ସିଏ ।।

ସୁଇଡେନ୍ ଦେଶେ ଘର ତା'ର
ବାପା ମାଆ ତା'ର କଳାକାର
ପିଲାଟି ଦିନରୁ ଗଛ ଲତା ଭୂମି
ପ୍ରକୃତି କୁ କରେ ସେ ଆଦର ।।

ଦେଖେ ଯେବେ ଭୂମି ଅବକ୍ଷୟ
ଅବା ପ୍ରାକୃତିକ ବିପର୍ଯ୍ୟୟ
ଦୂରାବସ୍ଥା ଦେଖି ପ୍ରକୃତି ମାଆ ର
ହୋଇ ପାରେ ନାହିଁ ମୋଟେ ଥୟ।।

ବିମାନ ଯାତ୍ରାରେ ଯିବାବେଳେ
କିମ୍ବା କାରଖାନା ଯେବେ ଚାଲେ
ସେ କଳାଧୂଆଁ କୁ ଦେଖି ମନେ ଭାଳେ
ବିପଦ ଆସୁଛି ଅବହେଳେ ।।

ବାୟୁ ରେ ଅଙ୍ଗାରକାମ୍ଳ ଛାଡି
ସବୁଜ ଘରରେ ଚାଷ କରି
ଯେତେ ବିଷ ସବୁ ଭରି ପୃଥିବୀରେ
ଦେଉଛନ୍ତି ଲୋକେ ସବୁ ସାରି ।।

ମନରେ ଭରିଲା ତା'ର କ୍ରୋଧ
ମାଆଙ୍କୁ କଲା ସେ ଅନୁରୋଧ
ଉଡାଜାହାଜରେ ଯାଅନାହିଁ ଆଉ
କରନା ମହୀକୁ ବରବାଦ ।।

କହିଲା ବାପା ଙ୍କୁ ସେ ବୁଝାଇ
କୋଇଲା ଜାଳିବା ବନ୍ଦ କର
ଆମିଷ ଭୋଜନ ପରିତ୍ୟାଗ କର
ମନେ ମାନବୀୟ ଭାବ ବୁଝି ।।

ସ୍କୁଲ୍ ରେ ଗଢିଲା ସାଙ୍ଗଦଳ
ବୁଝାଇଲା ଏ ଅଙ୍ଗାରକାମ୍ଳ
" ପରିବେଶ ସୁରକ୍ଷା କର " କହି
ସ୍କୁଲ୍ ରେ କରିଲା ହରତାଳ।।

ପ୍ଲାକାର୍ଡ୍ ଲେଖିଲା ମାଳ ମାଳ
" ବିଶ୍ୱ ତାପନ ନିୟନ୍ତ୍ରଣ କର "
ସୁଇଡେନ୍ ସଂସଦ ବାହାରେ କରିଲା
ଛାତ୍ରଛାତ୍ରୀ ମେଳେ ହଟ୍ଟଗୋଳ ।।

ବଡ ମାନେ ଦେଖି ହେଲେ କାବା
କହିଲେ ସଭିଏଁ ବାଃ ରେ ବାଃ
ଛୋଟ ପିଲାଟିଏ ହେଲେ କିସ ହେବ
କହୁଛି ସେ ବଡ ଗହନ କଥା ।।

ସଂଯୁକ୍ତ ରାଷ୍ଟ୍ର ଆମେରିକାରେ
ସବୁ ଦେଶ ମନ୍ତ୍ରୀ ବୈଠକରେ
ନିଜ ମନ କଥା କହିବା ପାଇଁକି
ଗ୍ରେଟାଙ୍କୁ ସେ ଆମନ୍ତ୍ରଣ କଲେ ।।

ସେଠାରେ କହିଲା ନିଜ ମନକଥା
" ବିଶ୍ୱ ତାପନ "ରୁ ଉଦ୍ଧାର ବ୍ୟବସ୍ଥା
ପରିବେଶ ସୁରକ୍ଷା ରାଷ୍ଟ୍ରଦୂତ ଭାବେ
ହୋଇଲା ସେ ଗ୍ରେଟା ସମ୍ମାନିତା ।।

ପିଲାଏ, ଗ୍ରେଟାର କଥାକୁ ଧ୍ୟାନ
ଦେଇ କର ଗଛଲତା ରୋପଣ
ସଭିଏଁ ମିଶି ଏକତାର ସ୍ୱରେ
ଗଛ ନ କାଟିବା କର ପଣ ।।

ଗାଁ ଆବର୍ଜନା ସଫା କରିଣ
ରୋକ ପରିବେଶର ପ୍ରଦୂଷଣ
ପ୍ରକୃତି ମାଆକୁ କରି ସମ୍ମାନ
ସ୍ୱଚ୍ଛତାର ବ୍ରତ କର ଧାରଣ ।।

ନୂଆବଜାର / କଟକ

କ୍ଷୁଦ୍ର ପତ୍ରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଦୁଇ ଲତାଙ୍କ କାହାଣୀ

ଶକ୍ତିପ୍ରଭା ମିଶ୍ର



ନିମ୍ବ ଗଛର ଗଣ୍ଠି ଦେହରେ ଲତାଟିଏ ମାଡିଥାଏ । ପାଖକୁ ଲାଗି ଆଉ ଗୋଟିଏ ଲତା ସଜନା ଗଛ ଉପରେ ମାଡିଥାଏ । ଦିନେ ନିମ୍ବ-ଲତା ସଜନା-ଲତାକୁ କହିଲା , ତୁ ମୋ ଆଡ଼କୁ ମାଡ଼ିଆ । ଆମେ ଦୁହେଁ ମିଶି ବହୁତ ମଜା କରିବା । ସଜନା ଲତା ତାର କିଛି ଡଙ୍କ ନିମ୍ବ ଲତା ଆଡ଼କୁ ମଡାଇ ଦେଲା । ସେମାନେ ଦୁହେଁ ମିଶି ହସଖୁସିରେ ସମୟ କଟାଇଲେ ।

କିଛିଦିନ ପରେ ସଜନା ଲତା ଲକ୍ଷ୍ୟ କଲା ନିମ୍ବ ଲତା ତା ସହିତ ମିଶୁଛି ସତ କିନ୍ତୁ ସବୁବେଳେ ନିଜର ଗୋଟେ ବଡପଣ ଜାହିର କରୁଛି । ଥଟ୍ଟାମଜାରେ କହୁଛି ,ଆଲୋ ସଜନା ଗଛରେ ମାଡନା ଆଉ । ସେ କଣ ସବୁଦିନ ତୋର ସାଥି ହେବ ? ଗୋଟେ ବଡ଼ ପବନ ବହିଲେ ପରା ମୂଳରୁ ଉପୁଡି ପଡିବ ସିଏ । ତାର ଲହଲହକା ଡାଳ ଉପରେ କି ଭରସା ! ସଜନା ଲତା ଉତ୍ତର ଦିଏ , ତୋତେ ପାଇଗଲି ବୋଲି ତା ସାଙ୍ଗ ଛାଡ଼ିଦେବି ? ସବୁବେଳେ କଣ ଏମିତି ଲାଭକ୍ଷତି ଦେଖି ସମ୍ପର୍କ ରଖାଯାଏ ?

ସତକୁ ସତ ଦିନେ ଜୋର ପବନ ହେବାରୁ ସଜନା ଗଛଟା ମଡମଡ ହୋଇ ମୂଳରୁ କୁଢେଇ ପଡିଲା ତଳେ । ତା ସହିତ ସଜନା ଲତା ଟାଣିହୋଇ ନିମ୍ବ ଲତା ଦେହରୁ ଛିଣ୍ଡିଗଲା । ଏଭଳି ଦୃଶ୍ୟ ଦେଖି ନିମ୍ବ ଲତା ହସିହସି କହିଲା , ଦେଖିଲୁ ତ ! ମୋ କଥା ଯଦି ଶୁଣିଥାନ୍ତୁ ଆଜି ଏ ଦଶା ତୋର ହୋଇ ନ ଥାନ୍ତା । ତାର ନିଜକୁ ସମ୍ଭାଳିବାକୁ ବଳ ନାହିଁ । ତୋତେ ଡାକିଦେଇଛି ପାଖକୁ ! ହେଁହେଁହେଁ ....ଏବେ ତ ମୋ ଉପରେ ତୁ ଯେତିକି ମାଡିଥିଲୁ ସେ ଡଙ୍କପତ୍ର ବି ଶୁଖିବାକୁ ବସିଲାଣି ।

ସଜନା ଲତା କାନ୍ଦିବା ବଦଳରେ ହସିଥିଲା । କହିଲା , ମୋ ଜୀବନ , ମୋ ଖୁସି କଣ ଅନ୍ୟର ଦୁଃଖ ତୁଳନାରେ ଏତେ ବଡ଼ ଯେ ଯାହାର ସାହାଯ୍ୟ ନେଇ ମୁଁ ବଢୁଥିଲି ଆଜି ତାର ଦୁଃଖ ସମୟରେ ମୁଁ ମୋ ଚିନ୍ତା କରି ଦୁଃଖୀ ହେବି ? ଆମ ଦୁହିଁଙ୍କର ଏଇ ଅସମୟରେ ତୁ ଯେମିତି ହସୁଛୁ ଆଉ ମୋତେ କଷ୍ଟ ଦେବାଭଳି କଥା କହୁଛୁ ସେଥିରୁ ତୋର ଛୋଟ ବୁଦ୍ଧି ପଦାକୁ ବହାରିଆସୁଛି । ମାଡିବାକୁ ଆଶ୍ରା ନ ପାଇ ମୁଁ ପଛେ ଏଇଠି ମରିଯିବି କିନ୍ତୁ ଆଉ ତୋ ଦୟାରେ ଜୀବନ କାଟିବି ନାହିଁ ।

ନିମ୍ବ ଲତା ମୁହଁକୁ ଆମ୍ଳିଆ କରି ଚୁପ ରହିଲା ।

ଭୁବନେଶ୍ୱର

ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଚୁଲୁବୁଲି କୁନି ଝିଅ

ତପନ କୁମାର ସ୍ୱାଇଁ

ଚୁଲୁବୁଲି କୁନି ଝିଅଟି ଆମର
ନାଆଁଟି ତାହାର ବଗୁଲି,
ବାପା ,ବୋଉଙ୍କର ଅଲିଅଳି ସିଏ
ଜେଜେ ,ଆଈଙ୍କର ଚଗଲି ।।

କିଏ ଡାକେ ସରଗର ପରୀ
କାଖ କରି ନିଏ ବୁଲେଇ ,
କିଏ ପୁଣି କହେ ଗେଲେହି ଆମର
ଗାଆଁଟା ଭିତରେ ଫୁଲେଇ ।।

ସଭିଙ୍କ ସେନେହଁ ଆଦର ଭିତରେ
ଖେଳେ ବସି ଧରି କଣ୍ଢେଇ ,
କୁନି କୁନି ତା'ର ବେଣୀ ଦୁଇଟିକୁ
ମାଆ ଦେଇଥାନ୍ତି କୁଣ୍ଢେଇ ।।

ବଗୁଲି ଆମର ବଡହେବ ଯେବେ
ଇସ୍କୁଲରେ ପାଠ ପଢିବ,
ପାଠ ପଢି ଦିନେ ଦେଶ ଜାତି ପାଇଁ
ବିଦେଶୀ ସହିତ ଲଢ଼ିବ ।।

ଈଶ୍ୱର ଦିଅନ୍ତୁ ଆଶିଷ ତାହାକୁ
ମଥା ପରେ ଯାଉ ବରଷି,
ଯେମିତି ପଦୁଅଁ ପବନରେ ଝୁଲେ
ହସି ଉଠେ ସାରା ସରସୀ ।।

ଜଗତସିଂହପୁର
ମୋ :୯୦୪୦୦୩୩୩୯୦



- କୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ମୋ ନାଁ ଧୃତି ଶ୍ରୀ

ସୁବାଷ ଚନ୍ଦ୍ର ପଣ୍ଡା



ମୋର ନାତି ଓ ନାତୁଣୀ ସାତ ଜଣ ,
ଛଅଟି ପୁଅ ଝିଅ ଏକ ଜଣ । ୧ ।

ପଚାରିଲି ଦିନେ ନାତୁଣୀ କି ,
ତୋ ନାଆଁଟି କଣ କହିବୁ କି ? । ୨ ।

ହସିଦେଲା ଝିଅ ଫିକ କିନି ,
ବଡବାପାଙ୍କ ମୁଁ "ବାଇଆଣୀ" । ୩ ।

ବାପା ତ ଡାକନ୍ତି ଶୁଣ "ଝୁନୁ"
ତୁମେ ତ ଡାକୁଛ "ମାମୁନୁ " । ୪ ।

କେବେ କେବେ ବାପା " ମାମା " ବୋଲି
ଡାକି ଦିଅନ୍ତି ବି ମନ ଖୋଲି । ୫ ।

ଜେଜେ ମା'ଙ୍କୁ ମୁଁ ଡାକେ ବୋଉ
ତାଙ୍କ ପରି କିଏ ହେବ ଆଉ ? । ୬ ।

ତାଙ୍କ " ଡୁଲିଆ" ନାଁଟି ଲାଗେ ଭଲ
"ଧୃତନ " ଡାକନ୍ତି କରି ଗେଲ । ୭ ।

"ଧୃତି ଶ୍ରୀ "ମୋହରି ସ୍କୁଲ ନାଆଁ
ସେଥିରେ ଡାକନ୍ତି ଗୁରୁ ମାଆ । ୮ ।

ମାମା ମୋତେ ଡାକେ "ଧୃତି " ବୋଲି
ସବୁ ନାଆଁ ମୋର କହିଦେଲି । ୯ ।

କହିଲି କହିଲୁ କଥା ଗୋଟେ
"ଧୃତିଶ୍ରୀ" ଶବ୍ଦର ଅର୍ଥ ମୋତେ । ୧୦ ।

କହିଲା ଧୃତିଶ୍ରୀ ଧର ଧର୍ଯ୍ୟ
"ଶ୍ରୀ " ଅର୍ଥ ହେଲା ସୌନ୍ଦର୍ଯ୍ୟ । ୧୧ ।

ସୌନ୍ଦର୍ଯ୍ୟ ଯିଏ ଧରି ରଖେ
" ଧୃତିଶ୍ରୀ "ନାଆଁ ଟି ସେଇ ରଖେ । ୧୨ ।

ଗହଗା ନରସିଂହ ପୁର ,
କେନ୍ଦ୍ରାପଡା ,ଓଡିଶା



visit : www.hirannmayi.com

ଜୁନି ପରୀ -
ଶିଶୁ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଶିଶୁ ଶିକ୍ଷା....

(ରାଗ – ଚୋଖି)

ଅରୁଣ କୁମାର ମହାନ୍ତି

ଶିଶୁ ଛୋଟ ବୀଜ ସମ ହୋଇପାରେ ମହାଦ୍ରୁମ
କଲେ ସେନେହ ଯତନ, ଅତି ଆଦରେ
ଦେଶ ଜାତି ଭବିଷ୍ୟତ ଆଶାର ଆଲୋକ ସେ ତ
ଦେବ ଶିକ୍ଷା ଜ୍ଞାନ ଗୁଣ , ସମ ଭାବରେ
ଶୁଣ ସର୍ବେ ହେ ମାତା ପିତା
ପାଠ ପଢି ହେବେ ସିଏ, ଜଗତଜିତା....॥

ଶିଶୁ ମତି କ୍ଷିପ୍ର ଗତି ଜଳରୁ ତରଳ ଅତି
କଟୁ ଭାଷା କୁହ ନାହିଁ ନୁହଁ ସରସ
ରାମାୟଣ ଭାଗବତ ଆଦି ଯେତେ ଧର୍ମ ଗ୍ରନ୍ଥ
ଶୁଣାଇ ତାଙ୍କ ଆଗର ମନ ହରଷ
ଶିଖାଇବ ବହୁ ବିଷୟ
ବୁଝାଇ କହିଲେ ହେବ ଜ୍ଞାନ ଉଦୟ....॥

ପିତା ମାତା ଗୁରୁଜନ ଚରଣେ ପ୍ରଣାମ ଘେନ
ରଖିବ ଭକତି ଭାବ ବୁଝାଇ କୁହ
ସଦା ସତ୍ୟ ଶିଖାଇବ ମିଥ୍ୟା ବେଳେ ଶାସ୍ତି ଦେବ
ଆଦ୍ୟ ବିଦ୍ୟାଳୟ ଅଟେ, ତୁମରି ଗୃହ
ଅରୁଚି କଥା ନ କହିବ
ମଧୁର ଭାଷାରେ ସଦା ମନ ମୋହିବ.....॥

ଶିଶୁ କାଳ ମନୋହର ଦେବ ଉତ୍ତମ ଆହାର
ମ୍ୟାଗି, ଫିଜା, ବରଗର କେବେ ନ ଦେବ
ତଟକା ସବୁଜ ଫଳ ଖାଇଲେ ହୋଇବ ବଳ
ବିକଶିତ ହେବ ବୁଦ୍ଧି ଜ୍ଞାନ- ବିଭବ
ନ କରିବ କଦାପି ହେଳା
ହେଳା କଲେ ଜାଣିରଖ ବୁଡିବ ଭେଳା....॥



ପୁଅ ହେଉ ଅବା ଝିଅ ସଭିଙ୍କୁ କୋଳେଇ ନିଅ
କରନାହିଁ ଭେଦ ଭାବ, ସର୍ବେ ସମାନ
ପ୍ରଭାତେ ଉଠାଇ ନିତି କରାଇବ ବିଭୁ ସ୍ତୁତି
ତାପରେ ବିଦ୍ୟା ଆରମ୍ଭ, ଲଗାଇ ମନ
ଶିଶୁ ପ୍ରତି ରଖିବ ଧ୍ୟାନ
ମନେ ରଖିବ ବୁଝାଇ କହେ ଅରୁଣ .. ॥

ଯାଜପୁର

ଆହେ ଦୟାମୟ ବିଶ୍ୱ ବିହାରୀ... ଓଡ଼ିଆ ଭାଷାର ଏକ ପ୍ରାର୍ଥନା । ଏହା ଓଡ଼ିଆ ଶିକ୍ଷକ ଓ କବି ରାମକୃଷ୍ଣ ନନ୍ଦଙ୍କ **"ଝୁମୁକା"** କବିତା ସଂକଳନରୁ ଆନୀତ । ୧୯୩୩ ମସିହାରେ ବାରିପଦାରେ ଶିକ୍ଷକତା କରୁଥିବା ସମୟରେ, ସେ "ଆହେ ଦୟାମୟ ବିଶ୍ୱ ବିହାରୀ" ରଚନା କରିଥିଲେ

ଏହି ପ୍ରାର୍ଥନାଟି ଗାନ୍ଧୀଙ୍କର ସାବରମତୀ ଆଶ୍ରମର ପ୍ରାର୍ଥନା ସଭାରେ ବୋଲାଯାଉଥିଲା । ପାରମ୍ପରିକ ଭାବେ ଏହି ଗୀତଟିକୁ ଓଡ଼ିଶୀ ସଙ୍ଗୀତର ଚକ୍ରକେଳୀ ବୃତ୍ତର ଛାନ୍ଦ ଭାବେ ଗାୟନ କରାଯାଏ । ଗୀତଟି ଓଡ଼ିଆ ଚଳଚ୍ଚିତ୍ର ବଳିଦାନରେ ମଧ୍ୟ ସ୍ଥାନ ପାଇଥିଲା ।



ଆହେ ଦୟାମୟ ବିଶ୍ୱ ବିହାରୀ, ଘେନ ଦୟା ବହି ମୋର ଗୁହାରି ।୧।
ଜଳ ସ୍ଥଳ ବନ ଗିରି ଆକାଶ, ତୁମ ଲୀଳା ସବୁଠାରେ ପ୍ରକାଶ ।୨।
ଆହେ ଦୟାମୟ ବିଶ୍ୱ ବିହାରୀ, ଘେନ ଦୟା ବହି ମୋର ଗୁହାରି ।

ତୁମେ ଶୁଭ ବୁଦ୍ଧି ପରା ସିଖାଅ, ତୁମେ ଭଲ ବାଟ ପରା ଦେଖାଅ ।୩।
ମୋର କାମକୁ କରାଅ ସରସ, ମୋର ମୁଖେ ଦିଅ ଚିର ହରଷ ।୪।
ଆହେ ଦୟାମୟ ବିଶ୍ୱ ବିହାରୀ, ଘେନ ଦୟା ବହି ମୋର ଗୁହାରି ।

ତୁମ ଚରଣରେ ମୋର ଭକତି, ଦିଅ ବିପଦେ ସାହସ ଶକତି ।୫।
କୂଟ କପଟ ସ୍ୱଭାବ ଯାହାର, ତାଙ୍କୁ ଦୂରୁ ମୁଁ କରଇ ଜୁହାର ।୬।
ଆହେ ଦୟାମୟ ବିଶ୍ୱ ବିହାରୀ, ଘେନ ଦୟା ବହି ମୋର ଗୁହାରି ।

ମୋତେ ନମିଶାଅ ତାଙ୍କ ସାଥିରେ, ସଦା ରଖ ସାଧୁଜନ କତିରେ ।୭।
ଦୟା ବିନୟ ହେଉ ମୋ ଭୂଷଣ, କାହା ମନେ ମୁଁ ନଦିଏ କଷଣ ।୮।
ଆହେ ଦୟାମୟ ବିଶ୍ୱ ବିହାରୀ, ଘେନ ଦୟା ବହି ମୋର ଗୁହାରି ।

ଦୁଃଖୀ ଅରକ୍ଷିତ ସେବା କାରଣେ, ବଳ ଦିଅ ମୋର କର ଚରଣେ ।୯।
ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି ।୧୦।
ଆହେ ଦୟାମୟ ବିଶ୍ୱ ବିହାରୀ, ଘେନ ଦୟା ବହି ମୋର ଗୁହାରି ।

ମୋତେ ଏତିକି ସିଖାଅ ସାଇଁ ହେ, ମୋର ଧନଜନ ଲୋଡା ନାହିଁ ହେ ।୧୧।
ତୁମେ ସବୁଠାରୁ ବଡ ଠାକୁର, ସଦା ରହିବି ମୁଁ ତୁମ ପୟର ।୧୨।
ଆହେ ଦୟାମୟ ବିଶ୍ୱ ବିହାରୀ, ଘେନ ଦୟା ବହି ମୋର ଗୁହାରି ।

** ରାମକୃଷ୍ଣ ନନ୍ଦ ଜଣେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଓ ଗୀତିକାର । ସେ ଛାପାଖାନା ଓ ମୁଦ୍ରଣାଳୟ ପ୍ରତିଷ୍ଠା କରି, ବହୁ ଓଡ଼ିଆ ପୁସ୍ତକ ଓ ପତ୍ରିକା ପ୍ରକାଶନା କରିଥିଲେ । ତାଙ୍କ ରଚିତ ଆହେ ଦୟାମୟ ବିଶ୍ୱ ବିହାରୀ ଓଡ଼ିଶାର ବହୁ ବିଦ୍ୟାଳୟରେ ପ୍ରାର୍ଥନା ଭାବରେ ଗାନ କରାଯାଏ । ରାମକୃଷ୍ଣ , ୧୯୦୬ ମସିହା ଫେବୃଆରୀ ୨୫ତାରିଖରେ କଟକ ଗୋବିନ୍ଦପୁର ଅନ୍ତର୍ଗତ ବାଇରୋଇଠାରେ ଜନ୍ମଗ୍ରହଣ କରିଥିଲେ । ୨୮ ସେପ୍ଟେମ୍ବର ୧୯୯୪ (୮୮ ବର୍ଷ) କଟକ ରେ ମୃତ୍ୟୁବରଣ କରିଥିଲେ ।